# ସତ୍ୟବାଣୀ

(THE VOICE OF TRUTH)

**NOVEMBER - DECEMBER**

**2003**



*AN ORIYA BIMONTHLY BULLETIN*

*PUBLISHED BY THE CHURCH OF CHRIST*

# THE VOICE OF TRUTH

Edited & Published By
*Joshua & Kabita Gootam*

**CHURCH OF CHRIST**
P.O. BOX.NO.80, KAKINADA,
A.P. - 533 001.
PH: 0884-2363722

**Vol. 8. NOVEMBER- DECEMBER 2003 (No. 6)**

**Published every two months in Oriya Language for the Restoration of pure New Testament Christianity**

Watch *SATYA VANI* on Teja Channel Every Saturday at 6:30 a.m. inTelugu Language.

Speaker : JOSHUA GOOTAM

Write for free Bible Correspondence Course in Telugu & Oriya to :

THE DIRECTOR
**BIBLE CORRESPONDENCE COURSE**
P.O. BOX.NO.80, KAKINADA - 533 001.

# ସତ୍ୟବାଣୀ

# VOICE OF TRUTH

VOL - VIII KAKINADA NOV.-DEC


## ଭ୍ରାନ୍ତ ନ ହୁଅ

## (Be not deceived)

ଭ୍ରାନ୍ତ ନହେବା ନିମନ୍ତେ ପରମେଶ୍ୱରଙ୍କ ବାକ୍ୟ ଆମ୍ଭମାନଙ୍କୁ ବାରମ୍ବାର ସତର୍କ କରେ। ଭ୍ରାନ୍ତ ହେବାର ଅର୍ଥ ମିଥ୍ୟା ଶିକ୍ଷାର ଅବଲମ୍ବନ କରିବା ଓ ପଥଭ୍ରଷ୍ଟ ହେବା। ପଥଭ୍ରଷ୍ଟ ବା ଭ୍ରା[illegible] ନହେବା ନିମନ୍ତେ ପରମେଶ୍ୱର ଆମ୍ଭମାନଙ୍କୁ ପଥ ପ୍ରଦର୍ଶକ ରୂପ ବାଇବଲ ପ୍ରଦାନ କରିଅଛନ୍ତି ଯାହାର ପାଳନରେ ଆମ୍ଭେମାନେ ସ୍ଖଳିତ ନହେଉ।

ଯୀଶୁଖ୍ରୀଷ୍ଟ କହନ୍ତି, ''ସାବଧାନ, କେହି ଯେପରି ତୁମ୍ଭମାନଙ୍କୁ ଭ୍ରାନ୍ତ ନକରେ। ଅନେ[illegible] ମୋ' ନାମରେ ଆସି ମୁଁ ଖ୍ରୀଷ୍ଟ ବୋଲି କହି ଅନେକଙ୍କୁ ଭ୍ରାନ୍ତ ନ କରିବେ।'' (ମାଥି[illegible] ୨୪:୪,୫) ଆଜି ଅନେକ ଭଣ୍ଡ ଖ୍ରୀଷ୍ଟମାନଙ୍କ ଶିକ୍ଷାରେ ଭ୍ରାନ୍ତ ଅଟନ୍ତି। ଶିକ୍ଷିତ ଲୋକେ ମ[illegible] ମିଥ୍ୟାରେ ବିଶ୍ୱାସ କରି ଆପଣା ପତନର କାରଣ ହୁଅନ୍ତି।

କରିନ୍ଥୀ ମଣ୍ଡଳୀକୁ ପ୍ରେରିତ ସତର୍କ କରି କହନ୍ତି, ''ଅଧାର୍ମିକମାନେ ଯେ ଈଶ୍ୱର[illegible] ରାଜ୍ୟର ଅଧିକାରୀ ହେବେ ନାହିଁ, ଏହା କି ତୁମ୍ଭେମାନେ ଜାଣ ନାହିଁ ? ଭ୍ରାନ୍ତ ହୁଅ ନାହିଁ ବ୍ୟଭିଚାରୀ କି ପ୍ରତିମାପୂଜକ କି ପାରିବାରିକ କି ସ୍ତ୍ରୀବତ୍ ଆଚାରୀ କି ପଂ ମୈଥୁନକାରୀ [illegible] ଚୋର କି ଧନଲୋଭୀ କି ମଦୁଆଲ କି ନିନ୍ଦକ କି ପରଦ୍ରବ୍ୟ ଲୁଣ୍ଠନକାରୀ, ଏମାନେ ଈଶ୍ୱର[illegible] ରାଜ୍ୟର ଅଧିକାରୀ ହେବେ ନା[illegible] (୧ମ କରିନ୍ଥୀ ୬:୯,୧୦) କୁସଂସର୍ଗ ବିଷୟ[illegible] ସେମାନଙ୍କୁ ପାଉଲ କହନ୍ତି, ''ଭ୍ରାନ୍ତ ନହୁଅ, କୁସଂସର୍ଗ ଶିଷ୍ଟାଚାର ନଷ୍ଟ କରେ।'' (୧ମ କରି[illegible] ୧୫:୩୩)

ଗାଲାତୀ ମଣ୍ଡଳୀକୁ ପାଉଲ କହନ୍ତି, ''ଭ୍ରାନ୍ତ ନ ହୁଅ, କାରଣ ଈଶ୍ୱର ବିଦ୍ରୂପର ପ[illegible] ନୁହନ୍ତି, କାରଣ ମନୁଷ୍ୟ ଯାହା ବୁଣେ, ତାହା ହିଁ କାଟିବ, ଯେଣୁ ଯେ ଆପଣା ଶରୀର ଉଦ୍ଦେ[illegible] ବୁଣେ, ସେ ଶରୀରରୁ ଉତ୍ପନ୍ନ କ୍ଷୟଣୀୟ ଶସ୍ୟ କାଟିବ। କିନ୍ତୁ ଯେ ଆତ୍ମାଙ୍କ ଉଦ୍ଦେଶ୍ୟ[illegible] ବୁଣେ, ସେ ଆତ୍ମାଙ୍କ ଠାରୁ ଉତ୍ପନ୍ନ ଅନନ୍ତ ଜୀବନରୂପ ଶସ୍ୟ କାଟିବ।'' (ଗାଲାତୀୟ ୬:୭,[illegible]

ଏଫିସୀ ମଣ୍ଡଳୀକୁ ପାଉଲଙ୍କ ଚେତାବନୀ : ''ଆମ୍ଭେମାନେ ଆଉ ଶିଶୁ ପରି ନହୋଇ ମନୁଷ୍ୟମାନଙ୍କ ଶଠତା ଓ ଭ୍ରାନ୍ତିଯୁକ୍ତ କଳ୍ପନା ଅନୁସାରେ ଧୂର୍ତ୍ତତା ଦ୍ୱାରା ବିଭିନ୍ନ ଶିକ୍ଷାରୂପ ବାୟୁରେ ଇତଃସ୍ତତଃ ଚାଳିତ ନହେଉ ।'' (ଏଫିସୀ ୪:୧୪) ''କେହି ତୁମ୍ଭମାନଙ୍କୁ ଅସାର କଥାରେ ନ ଭୁଲାଉ, କାରଣ ଏହି ସମସ୍ତ କୁକର୍ମ ହେତୁ ଅନାଜ୍ଞାବହ ସନ୍ତାନମାନଙ୍କ ଉପରେ ଈଶ୍ୱରଙ୍କ କ୍ରୋଧ ବର୍ତ୍ତେ ।'' (ଏଫିସୀ ୫:୬)

ଥେସଲନୀକୀ ମଣ୍ଡଳୀକୁ ପାଉଲ ଲେଖନ୍ତି,''କେହି କୌଣସି ପ୍ରକାରେ ଭ୍ରାନ୍ତି ନ ଜନ୍ମାଉ, କାରଣ ପ୍ରଥମେ ଧର୍ମଚ୍ୟୁତି ଘଟିବ । ଆଉ ବିନାଶର ସନ୍ତାନ ସେହି ଅଧର୍ମ ପୁରୁଷ ପ୍ରକାଶିତ ହେବା ଆବଶ୍ୟକ, ନହେଲେ ପ୍ରଭୁଙ୍କ ଦିନ ଉପସ୍ଥିତ ହେବ ନାହିଁ । (୨ ଥେସଲନୀକୀ ୨:୩) ଯୁଗାନ୍ତ ସମୟ ବିଷୟରେ ପାଉଲ, ତୀମଥିଙ୍କୁ ଲେଖନ୍ତି,''ଦୁଷ୍ଟ ଲୋକେ ଓ ପ୍ରବଞ୍ଚକ ମାନେ ଭ୍ରାନ୍ତି ଜନ୍ମାଇ ଓ ଭ୍ରାନ୍ତ ହୋଇ ଅଧିକରୁ ଅଧିକ ଦୁଷ୍ଟ ହୋଇ ଉଠିବେ ।'' (୨ୟ ତୀମଥି ୩:୧୩)

ଖ୍ରୀଷ୍ଟିୟାନମାନଙ୍କୁ ସତର୍କ କରି ଯାକୁବ ଲେଖନ୍ତି,''କିନ୍ତୁ ଶ୍ରୋତାମାତ୍ର ହୋଇ ଆପଣାଙ୍କୁ ପ୍ରବଞ୍ଚନା ନ କରି ବାକ୍ୟର କର୍ମକାରୀ ହୁଅ (୧ମ ଯୋହନ ୧:୨୨) ଯୋହନ କହନ୍ତି,''ଆମ୍ଭମାନଙ୍କର ପାପ ନାହିଁ, ଏହା ଯଦି କହୁ, ତାହାହେଲେ ଆପଣା ଆପଣାକୁ ପ୍ରବଞ୍ଚନା କରୁ ପୁଣି ଆମ୍ଭମାନଙ୍କ ଠାରେ ସତ୍ୟ ନାହିଁ ।'' (୧ମ ଯୋହନ ୧:୯)

ଉପରୋକ୍ତ ଶାସ୍ତ୍ରାଂଶରୁ ମନୁଷ୍ୟ ବିଭିନ୍ନ ଭାବେ ଭ୍ରାନ୍ତ ହେବାର ସମ୍ଭାବନା ରହିଅଛି ବୋଲି ଜାଣିପାରୁ । ଭ୍ରାନ୍ତ ମନୁଷ୍ୟ ନିମନ୍ତେ ବିନାଶ ସୁନିଶ୍ଚିତ ।

(୧) ମନୁଷ୍ୟ ଅସତ୍ୟରେ ବିଶ୍ୱାସ ରଖି ଆପଣାକୁ ପ୍ରତାରଣା କରେ । ଅନେକ ଶହ ବର୍ଷ ପୂର୍ବେ ଭବିଷ୍ୟଦ୍‌ବକ୍ତା ଓବଦୀୟ ପ୍ରକଟ କରି କହିଲେ,''ତୁମ୍ଭ ଅନ୍ତଃକରଣର ଅହଂକାର ତୁମ୍ଭକୁ ବଞ୍ଚନା କରିଅଛି ।'' (୩ୟ ପଦ)

ଦୁଷ୍ଟର କୁକର୍ମ ଦ୍ୱାରା ଅନେକେ ଭ୍ରାନ୍ତ ହୁଅନ୍ତି । ସେମାନଙ୍କ ବିଷୟରେ ପାଉଲ କହନ୍ତି,''ହେ ଭାଇମାନେ, ତୁମ୍ଭେମାନେ ଯେଉଁ ଶିକ୍ଷା ପାଇଅଛ, ସେଥିର ବିପରୀତ ଯେଉଁମାନେ ଦଳଭେଦ ଓ ବିଘ୍ନର କାରଣ ଘଟାନ୍ତି, ସେମାନଙ୍କୁ ଚିହ୍ନି ରଖି ସେମାନଙ୍କ ଠାରୁ ପୃଥକ ରହିବା ପାଇଁ ମୁଁ ତୁମ୍ଭମାନଙ୍କୁ ଅନୁରୋଧ କରୁଅଛି । କାରଣ ଏହିପରି ଲୋକେ ଆମ୍ଭମାନଙ୍କ ପ୍ରଭୁ ଖ୍ରୀଷ୍ଟଙ୍କର ଦାସ ନୁହନ୍ତି, କିନ୍ତୁ ଆପଣା ଆପଣା ଉଦରର ଦାସ ଅଟନ୍ତି, ପୁଣି ମିଷ୍ଟବାକ୍ୟ ଓ ଚାଟୁଭାଷାରେ ସରଳ ହୃଦୟ ଲୋକଙ୍କର ମନ ଭୁଲାନ୍ତି'' (ରୋମୀୟ ୧୬:୧୭,୧୮) ଅସତ୍ୟ ଶିକ୍ଷାରେ ମନୋଯୋଗ କରି ଲୋକେ ପଥଭ୍ରଷ୍ଟ ହୁଅନ୍ତି ।

ଅତ୍ୟଧିକ ସଂଖ୍ୟକ ଅବଲମ୍ବନ କରୁଥିବା ପଥ ଅବଲମ୍ବନ କରିବାରେ ଅନେକେ ତୁଷ୍ଟ ଅଟନ୍ତି । ଅନେକ ଅବଲମ୍ବନ କରୁଥିବା ଅସାର ଏବଂ ବିଶାଳ ମାର୍ଗ ବିଷୟରେ ପ୍ରଭୁ କହନ୍ତି,"ସଂକୀର୍ଣ୍ଣ ଦ୍ୱାର ଦେଇ ପ୍ରବେଶ କର, କାରଣ ସର୍ବନାଶକୁ ଘେନିଯିବା ଦ୍ୱାର ଅସାର ଓ ପଥ ପ୍ରଶସ୍ତ, ପୁଣି ତାହା ଦେଇ ପ୍ରବେଶ କରିବା ଲୋକେ ଅନେକ ।" (ମାଥିଉ ୭:୧୪)

ଈଶ୍ୱରଙ୍କ ମନୁଷ୍ୟର ପରିତ୍ରାଣ ଯୋଜନାରେ, ମଣ୍ଡଳୀ ବିଷୟରେ, ଗ୍ରାହ୍ୟଯୋଗ୍ୟ ଆରାଧନା ବିଷୟରେ, ସତ୍ୟ ଜୀବନଯାପନ ବିଷୟରେ ଲୋକେ ଭ୍ରାନ୍ତ ହୁଅନ୍ତି । ଖ୍ରୀଷ୍ଟଙ୍କ ଆଗମନ ପର୍ଯ୍ୟନ୍ତ, ଈଶ୍ୱର ଆମ୍ଭମାନଙ୍କ ସୁରକ୍ଷିତ ଭାବେ ଜୀବନଯାପନ କରିବା ଇଚ୍ଛା କରନ୍ତି । ମନୁଷ୍ୟମାନଙ୍କ କାଳ୍ପନିକ ଶିକ୍ଷା ସତ୍ୟରୂପେ ଗ୍ରହଣ କରି, ପ୍ରକୃତ ବାଇବଲ ଅନେକ ଅଗ୍ରାହ୍ୟ କରନ୍ତି । କାରଣ ସେମାନେ ଈଶ୍ୱରଙ୍କ ଶିକ୍ଷା ଠାରୁ ଅଧିକ ଶୃତିମଧୁର ଶିକ୍ଷାରେ ମନୋଯୋଗ କରନ୍ତି । ଆପଣଙ୍କ ଆତ୍ମାର ପରିତ୍ରାଣ ଦାୟକ ଶିକ୍ଷାରେ ମନୋଯୋଗ କରିବାକୁ ଆମ୍ଭେମାନେ ଆପଣଙ୍କୁ ଅନୁରୋଧ କରୁ ।

**- J.C. Choate**

# ପରମେଶ୍ୱରଙ୍କ ବନ୍ଧୁ
## (Friend of the God)

ଜଗତର ଅନେକ ଗୋଷ୍ଠୀର ଆଦି ପିତା ଅବ୍ରାହମ ଅସାମାନ୍ୟ ବ୍ୟକ୍ତିତ୍ୱର ଅଧିକାରୀ, କଲଦୀୟ ଦେଶର ଊର ନାମକ ନଗରବାସୀ ଥିଲେ । ସଦା ପ୍ରଭୁ ପରମେଶ୍ୱର ତାହାଙ୍କୁ ଆପଣା ଦେଶ ଓ ଜ୍ଞାତି, କୁଟୁମ୍ବ ଓ ପୈତୃକ ଗୃହ ତ୍ୟାଗ କରି, ସେ ମନୋନୀତ କରିଥିବା କିଣାନ ଦେଶକୁ ପ୍ରସ୍ଥାନ କରିବା ନିମନ୍ତେ ଆଜ୍ଞା ଦେଇଥିଲେ । ପରମେଶ୍ୱରଙ୍କ ଆଜ୍ଞା ପ୍ରମାଣେ ଅବ୍ରାହମ ଆପଣା ଭାର୍ଯ୍ୟା ସାରା ଓ ଜ୍ଞାତି ଲୋକଙ୍କ ସହିତ କିଣାନ ଦେଶ ଅଭିମୁଖେ ଯାତ୍ରା କଲେ । ଅନେକ ସୁଗୁଣ ଓ ମହାନ ବ୍ୟକ୍ତିତ୍ୱର ଅଧିକାରୀ ଅବ୍ରାହମ ଅନେକ ଜାତିର ଆଶୀର୍ବାଦର ଆକାର ଅଟନ୍ତି । ତାହାଙ୍କ ଗୁଣଗାନ ଅନେକ ପୃଷ୍ଠାରେ ପଢ଼ିଥାଉଁ ।

ସର୍ବ ପ୍ରଥମେ, ପରମେଶ୍ୱରଙ୍କ ଠାରେ ସେ ବିଶ୍ୱାସ କରି ପରମେଶ୍ୱରଙ୍କ ଦୃଷ୍ଟିରେ ଧାର୍ମିକ ଗଣିତ ହୋଇଥିଲେ । "ଅବ୍ରାହମ ଈଶ୍ୱରଙ୍କ ଠାରେ ବିଶ୍ୱାସ କଲେ, ଆଉ ତାହାଙ୍କ ପକ୍ଷରେ ତାହା ଧାର୍ମିକତା ବୋଲି ଗଣିତ ହେଲା ।" (ରୋମୀୟ ୪:୩) ଆଦିପିତା ଅବ୍ରାହମଙ୍କ ପ୍ରାର୍ଥନାଶୀଳ ଜୀବନ ଆମ୍ଭମାନଙ୍କ ଅନୁସରଣୀୟ । ବାକ୍ୟ କହେ,"ସେ........ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ଏକ ଯଜ୍ଞବେଦୀ ନିର୍ମାଣ କରି ସଦାପ୍ରଭୁଙ୍କ ନାମରେ ପ୍ରାର୍ଥନା କଲେ ।" (ଆଦି ୧୨:୭) । ".............ପୂର୍ବନିର୍ମିତ ଯଜ୍ଞବେଦୀ ନିକଟରେ ସଦାପ୍ରଭୁଙ୍କ ନାମରେ ପ୍ରାର୍ଥନା

କଲେ ।'' (ଆଦି ୧୩:୮) ଅବ୍ରାହମ ବେରସେବା ନିକଟରେ ଏକ ଝାଉଁବୃକ୍ଷ ରୋପଣ କରି, ସେହି ସ୍ଥାନରେ ଅନାଦି ଅନନ୍ତ ପରମେଶ୍ୱର ସଦାପ୍ରଭୁଙ୍କ ନାମରେ ପ୍ରାର୍ଥନା କଲେ ।'' (ଆଦି ୨୧:୩୩) ସଦାପ୍ରଭୁଙ୍କ ଆଜ୍ଞାନୁକ୍ରମେ, ମୋରିୟା ଦେଶସ୍ଥ ଏକ ଉଚ୍ଚ ପର୍ବତ ଉପରେ, ଆପଣା ପୁତ୍ର ଇସ୍‌ହାକଙ୍କୁ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ବଳି ଦେବାକୁ ପଛଘୁଞ୍ଚା ଦେଇନଥିଲେ ।

ଅବ୍ରାହମ ଏକ ପରାକ୍ରମୀ ରାଜା ବୋଲି ହେତର ସନ୍ତାନମାନେ ସମ୍ମତି ପ୍ରକାଶ କରିଥିଲେ । (ଆଦି ୨୩:୬) ସେ କଦର୍ଲୋୟୋମର ଓ ତାଙ୍କର ସହାୟ ରାଜାଗଣ ବିରୁଦ୍ଧରେ ବିଜୟୀ ହେବା ସମୟରେ ଶାଲେମର ରାଜା ମଲକୀଷେଦକ ସର୍ବୋପରି ପରମେଶ୍ୱରଙ୍କ ଯାଜକ, ତାହାଙ୍କୁ ଆଶୀର୍ବାଦ କରିଥିଲେ । ପରାଶର ରାଜା ଅବିମେଲକ ଅବ୍ରାହମଙ୍କ ସୁନ୍ଦରୀ ଭାର୍ଯ୍ୟା ସାରାଙ୍କୁ ଅପହରଣ କରିଥିବାରୁ, ସଦାପ୍ରଭୁ ଅବିମେଲକଙ୍କୁ ସ୍ୱପ୍ନ ଯୋଗେ ଦର୍ଶନ ଦେଇ କହିଲେ, ''..........ଏହେତୁ ଏବେ ସେହି ମନୁଷ୍ୟର ଭାର୍ଯ୍ୟାକୁ ଫେରାଇ ଦିଅ, ଯେହେତୁ ସେ ଭବିଷ୍ୟଦ୍‌ବକ୍ତା, ସେ ତୁମ୍ଭ ଲାଗି ପ୍ରାର୍ଥନା କରିବ, ତହିଁରେ ତୁମ୍ଭେ ବଞ୍ଚିବ....... (ଆଦି ୨୦:୭)

ସଦାପ୍ରଭୁ ପରମେଶ୍ୱର ଅବ୍ରାହମଙ୍କୁ ପ୍ରତିଜ୍ଞା କରି କହିଥିଲେ,''ଆମ୍ଭେ ତୁମ୍ଭ ଠାରୁ ଏକ ମହାଗୋଷ୍ଠୀ ଉତ୍ପନ୍ନ କରିବା, ପୁଣି ଆମ୍ଭେ ତୁମ୍ଭକୁ ଆଶୀର୍ବାଦ କରି ତୁମ୍ଭର ନାମ ମହତ୍ କରିବା ତୁମ୍ଭେ ଆଶୀର୍ବାଦର ଆକାର ହେବ ।'' (ଆଦି ୧୨:୨-୩) ଅବ୍ରାହମ ସଦାପ୍ରଭୁଙ୍କ ବାକ୍ୟରେ ବିଶ୍ୱାସ କଲେ ଓ ତାହାଙ୍କ ଆଜ୍ଞା ପାଳନ କରି ଆଶୀର୍ବାଦର ଆକାର ହେଲେ । ବିଶ୍ୱାସର ପିତା ଅବ୍ରାହମଙ୍କ ଦ୍ୱାରା ଆମ୍ଭେମାନେ କିପରି ଆଶୀର୍ବାଦ ପ୍ରାପ୍ତ ହୋଇ ପାରିବା ? ପ୍ରେରିତ ପାଉଲ ଗାଲାତୀ ମଣ୍ଡଳୀକୁ କହନ୍ତି,''ଯେପରି ଅବ୍ରାହମ ଈଶ୍ୱରଙ୍କୁ ବିଶ୍ୱାସ କଲେ, ଆଉ ତାହାଙ୍କ ପକ୍ଷରେ ତାହା ଧାର୍ମିକତା ବୋଲି ଗଣିତ ହେଲା । ଅତଏବ, ଯେଉଁମାନେ ବିଶ୍ୱାସୀ, ସେମାନେ ଅବ୍ରାହମଙ୍କର ସନ୍ତାନ ।'' (ଗାଲାତୀ ୩:୫,୬) ଯାକୁବ କହନ୍ତି, ''କିନ୍ତୁ ହେ ନିର୍ବୋଧ ମନୁଷ୍ୟ, କର୍ମ ବିନା ବିଶ୍ୱାସ ଯେ ନିଷ୍ଫଳ, ଏହା କଅଣ ଜାଣିବାକୁ ଇଚ୍ଛା କରୁଅଛ ? ଆମ୍ଭମାନଙ୍କ ପିତା ଅବ୍ରାହମ ବେଦୀ ଉପରେ ଆପଣା ପୁତ୍ର ଉତ୍ସର୍ଗ କରିବା ବେଳେ କଅଣ କର୍ମ ଦ୍ୱାରା ଧାର୍ମିକ ଗଣିତ ହୋଇନଥିଲେ ? ତୁମ୍ଭେ ଦେଖୁଅଛ ଯେ, ବିଶ୍ୱାସ ତାହାଙ୍କ କର୍ମର ସହକାରୀ ଥିଲା, ଆଉ କର୍ମ ଦ୍ୱାରା ବିଶ୍ୱାସ ସିଦ୍ଧ ହେଲା, ସେଥିରେ ଶାସ୍ତ୍ରର ଏହି ବାକ୍ୟ ସଫଳ ହେଲା, ଅବ୍ରାହମ ଈଶ୍ୱରଙ୍କ ଠାରେ ବିଶ୍ୱାସ କଲେ, ଆଉ ତାହାଙ୍କ ପକ୍ଷରେ ତାହା ଧାର୍ମିକତା ବୋଲି ଗଣିତ ହେଲା । ପୁଣି ସେ ଈଶ୍ୱରଙ୍କ ମିତ୍ର ବୋଲି ଖ୍ୟାତ ହେଲେ ।'' ଯାକୁବ ୨:୨୦-୨୩)

ପ୍ରାର୍ଥନାଶୀଳ, ବିଶ୍ୱାସୀ, ଆଜ୍ଞାପାଳନକାରୀ, ପରାକ୍ରାନ୍ତ ରାଜା ଓ ଭାବବାଦୀ ଅବ୍ରାହମ ତାହାଙ୍କ ଅସାଧାରଣ ବ୍ୟକ୍ତିତ୍ୱ ଯୋଗୁଁ ପରମେଶ୍ୱରଙ୍କ ବନ୍ଧୁ ରୂପେ ପରିଚିତ ଅଟନ୍ତି । ଆମ ସହରର ଏକ ଗଣ୍ୟମାଣ୍ୟ ବ୍ୟକ୍ତିଙ୍କ ସହିତ ବନ୍ଧୁତ୍ୱ କରିବା ଆମ୍ଭମାନଙ୍କୁ କେତେ

ଗୌରବମୟ ବିଷୟ ! ଦେଶର ରାଷ୍ଟ୍ରପତି କିଅବା ପ୍ରଧାନମନ୍ତ୍ରୀ ଆମ୍ଭମାନଙ୍କୁ ବନ୍ଧୁ ବୋଲି ମନେ କଲେ ଆମ୍ଭମାନଙ୍କ ନିମନ୍ତେ ତାହା କେତେ ଗର୍ବର କାରଣ ! ସର୍ବଶକ୍ତିମାନ ସର୍ବସୃଷ୍ଟିକର୍ତ୍ତା, ରକ୍ଷାକର୍ତ୍ତା, ପାଳନକର୍ତ୍ତାଙ୍କୁ ବନ୍ଧୁରୂପେ ପାଇବା ତାଠାରୁ ଅଧିକ ଶ୍ରେଷ୍ଠତର ବିଷୟ । ସଦାପ୍ରଭୁ ଆପେ ଅବ୍ରାହମଙ୍କୁ ଆପଣା ବନ୍ଧୁରୂପେ ପରିଚିତ କରନ୍ତି,''.........ହେ ଆମ୍ଭର ଦାସ ଇଶ୍ରାଏଲ, ଆମ୍ଭର ମନୋନୀତ ଯାକୁବ, ଆମ୍ଭର ସନ୍ତାନଗଣ ଓ ଆମ୍ମୋନ ସନ୍ତାନଗଣ ଯିହୂଦା ଦେଶ ପ୍ରତିକୂଳରେ ଯୁଦ୍ଧ ସଜାଇବା ସମୟରେ ଯିହୋଶାଫଟ୍ ଭୀତ ହୋଇ, ସଦାପ୍ରଭୁଙ୍କ ଠାରେ ପ୍ରାର୍ଥନା କରି କହିଲେ,''ହେ ଆମ୍ଭମାନଙ୍କ ପରମେଶ୍ୱର, ତୁମ୍ଭେ କ'ଣ ଆପଣା ଲୋକ ଇଶ୍ରାଏଲ ସମ୍ମୁଖରୁ ଏହି ଦେଶ ନିବାସୀମାନଙ୍କୁ ତଡ଼ି ଦେଇ ଅନନ୍ତ କାଳ ନିମନ୍ତେ ଆପଣା ମିତ୍ର ଅବ୍ରାହମଙ୍କ ବଂଶକୁ ଦେଇନାହଁ ? (ଦ୍ୱି.ବଂ. ୨୧:୭)

ଆମ୍ଭେମାନେ ମଧ ଅବ୍ରାହମଙ୍କ ସଦୃଶ୍ୟ ପରମେଶ୍ୱରଙ୍କ ବନ୍ଧୁରୂପେ ପରିଗଣିତ ହେବାର ସୁଯୋଗ ଯୀଶୁଖ୍ରୀଷ୍ଟ ଆମ୍ଭମାନଙ୍କୁ ଦେଇଅଛନ୍ତି । ''ମୁଁ ଯେପରି ତୁମ୍ଭମାନଙ୍କୁ ପ୍ରେମ କରିଅଛି, ତୁମ୍ଭେମାନେ ସେହିପରି ପରସ୍ପରକୁ ପ୍ରେମ କର । ଏହା ମୋହର ଆଜ୍ଞା ... ମୁଁ ତୁମ୍ଭମାନଙ୍କୁ ଯେଉଁ ଆଜ୍ଞା ଦେଉଅଛି, ତାହା ଯଦି ପାଳନ କର, ତେବେ ତୁମ୍ଭେମାନେ ମୋହର ବନ୍ଧୁ ।'' (ଯୋହନ ୧୫:୧୨ ଓ ୧୪) । ''ଈଶ୍ୱରଙ୍କୁ ପ୍ରେମ କରିବାର ଅର୍ଥ ତାହାଙ୍କ ଆଜ୍ଞା ପାଳନ କରିବା, ଆଉ ତାହାଙ୍କ ଆଜ୍ଞା ସବୁ ଭାର ସ୍ୱରୂପ ନୁହେଁ ।'' (୧ମ ଯୋହନ ୫:୩)

ଆପଣ କି ଅବ୍ରାହମଙ୍କ ସଦୃଶ୍ୟ ଈଶ୍ୱରଙ୍କ ବନ୍ଧୁରୂପେ ପାଇବାକୁ ଆକାଂକ୍ଷିତ । ତାହାଙ୍କ ବାକ୍ୟ ପାଳନ କର ! ଆପଣ କି ଯୀଶୁଖ୍ରୀଷ୍ଟଙ୍କୁ ବନ୍ଧୁରୂପେ ପାଇବାକୁ ଆକାଂକ୍ଷିତ, ପରସ୍ପରକୁ ପ୍ରେମ କର ! ଯୀଶୁଖ୍ରୀଷ୍ଟଙ୍କ ସହିତ ମିତ୍ରତା ନକଲେ, ଆମ୍ଭେମାନେ ଆମ୍ଭମାନଙ୍କ ଜୀବନଯାତ୍ରାର ଶେଷରେ ଅବ୍ରାହମଙ୍କ କୋଳରେ ସ୍ଥାନ ପାଇପାରିବା ନାହିଁ ।

**- Kabita Gootam**

# ନାମର ବିଶେଷତା

ବାକ୍ୟ କହେ,''କାରଣ ତାହାଙ୍କ ଛଡ଼ା ଆଉ କାହାଠାରେ ପରିତ୍ରାଣ ନାହିଁ । କାରଣ ଯାହାଦ୍ୱାରା ଆମ୍ଭେମାନଙ୍କୁ ପରିତ୍ରାଣ ପାଇବାକୁ ହେବ । ଆକାଶ ତଳେ ମନୁଷ୍ୟମାନଙ୍କ ମଧ୍ୟରେ ଆଉ କୌଣସି ନାମ ଦିଆଯାଇ ନାହିଁ ।'' (ପ୍ରେରିତ ୪:୧୨) ଖ୍ରୀଷ୍ଟଙ୍କ ଠାରେ ଏବଂ କେବଳ ଖ୍ରୀଷ୍ଟଙ୍କ ଠାରେ ହିଁ ପରିତ୍ରାଣ ଅଛି ବୋଲି ଏହି ପଦଦ୍ୱାରା ବୁଝିପାରୁ । ବାକ୍ୟରେ କି କର୍ମରେ ଆମ୍ଭେମାନେ ଯାହା କିଛି କରୁ, ତାହାଙ୍କ ନାମରେ କରିବା ନିମନ୍ତେ ଆଜ୍ଞାପିତ ହୋଇଅଛି । (କଲସୀ ୩:୧୭) ସମସ୍ତ ନାମ ଅପେକ୍ଷା ସର୍ବୋତ୍କୃଷ୍ଟ ନାମ ଆମ୍ଭମାନଙ୍କ ତ୍ରାଣକର୍ତ୍ତା ପ୍ରଭୁ

ଯୀଶୁଖ୍ରୀଷ୍ଟଙ୍କୁ ଦତ୍ତ ହୋଇଅଛି । (ଫିଲିପ ୨:୯-୧୦, ଏବ୍ରୀ ୧:୪) ବ୍ୟାଙ୍କ ଚେକ୍, ଉଇଲ କିମ୍ବା କୋର୍ଟ କଚେରୀର କାର୍ଯ୍ୟଗୁଡ଼ିକରେ ସଠିକ୍ ନାମର ମହତ୍ୱ ଆମ୍ଭେମାନେ ପ୍ରତ୍ୟେକ ଅନୁଭବ କରିଥାଉଁ । ଧର୍ମଶାସ୍ତ୍ରୀୟ ନାମଗୁଡ଼ିକ ଆମମାନଙ୍କୁ ଖ୍ରୀଷ୍ଟଙ୍କର ବୋଲି ମୁଦ୍ରାଙ୍କିତ କରେ ।

**ପୁରାତନ ନିୟମ :** ସୃଷ୍ଟି ଆରମ୍ଭରୁ ନାମଗୁଡ଼ିକର ପ୍ରାଧାନ୍ୟତା ରହିଅଛି । (ଆଦି ୨:୧୯) ତାହାଙ୍କ ନାମ ଧାରଣ କରିବା ନିମନ୍ତେ ପିତା ପରମେଶ୍ୱର ମନୁଷ୍ୟମାନଙ୍କୁ ଆଜ୍ଞା କରିଅଛନ୍ତି । ଇଶ୍ରାଏଲ ସନ୍ତାନମାନଙ୍କୁ ସେ କହିଥିଲେ,''...ଆମ୍ଭେ ଯେଉଁ ପ୍ରତ୍ୟେକ ସ୍ଥାନରେ ଆପଣା ନାମ ସ୍ମରଣ କରାଇବା, ସେହି ପ୍ରତ୍ୟେକ ସ୍ଥାନରେ ଆମ୍ଭେ ତୁମ୍ଭ ନିକଟକୁ ଆସି ତୁମ୍ଭକୁ ଆଶୀର୍ବାଦ କରିବା (ଯାତ୍ରା ୨୦:୨୪) ସେ ଆପଣା ନାମର ଗୌରବ ଓ ପ୍ରଶଂସା ଅନ୍ୟମାନଙ୍କୁ ଦେବା ନିମନ୍ତେ ଇଚ୍ଛା କରନ୍ତି ନାହିଁ । (ଯିଶାଇୟ ୪୨:୮) ଆୟୁବ କହନ୍ତି,''...ମୁଁ କୌଣସି ଲୋକର ଚାଟୁବାକ୍ୟ କରିବି ନାହିଁ,....କଲେ ମୋହର ସୃଷ୍ଟିକର୍ତ୍ତା ଶୀଘ୍ର ମୋତେ ସଂହାର କରିବେ ।'' (ଆୟୁବ ୩୨:୨୧-୨୨)

ଏକ ନୂତନ ଓ ଅନନ୍ତକାଳସ୍ଥାୟୀ ନାମ ଆପଣା ସନ୍ତାନମାନଙ୍କୁ ଦେବେ ବୋଲି ପବିତ୍ର ଭାବବାଦୀମାନଙ୍କ ଦ୍ୱାରା ପରମେଶ୍ୱର ପ୍ରତିଜ୍ଞା କରିଥିଲେ । (ଯିଶାଇୟ ୫୬:୫-୬,୬୨:୨)

**ଖ୍ରୀଷ୍ଟିୟାନ :** ''....ପୁଣି ଆନ୍ତିୟଖିଆରେ ଶିଷ୍ୟମାନେ ପ୍ରଥମରେ ଖ୍ରୀଷ୍ଟିୟାନ ବୋଲି ଆଖ୍ୟାତ ହେଲେ ।'' (ପ୍ରେରିତ ୧୧:୨୬) ଏହି ନାମ ସ୍ୱର୍ଗସ୍ଥ ପିତାଙ୍କ ଠାରୁ ଦତ୍ତ ହୋଇଥିବାରୁ, ମନୁଷ୍ୟର ଇଚ୍ଛା ଅନିଚ୍ଛାର ପ୍ରଶ୍ନ ଉଠେ ନାହିଁ, ଯେଉଁମାନେ 'ଖ୍ରୀଷ୍ଟିୟାନ' ବ୍ୟତୀତ ଅନ୍ୟନାମ ଧାରଣ କରନ୍ତି, ସେମାନଙ୍କ ନାମ ଈଶ୍ୱର ଦତ୍ତ ନୁହେଁ ବୋଲି ସେମାନଙ୍କୁ ଜାଣିରହିବା ଆବଶ୍ୟକ । ସେମାନଙ୍କ ବିଷୟରେ ଯୀଶୁଖ୍ରୀଷ୍ଟ କହନ୍ତି,''....ମୁଁ ମୋହର ପିତାଙ୍କ ନାମରେ ଆସିଅଛି, ଆଉତୁମ୍ଭେମାନେ ତ' ମୋତେ ଗ୍ରହଣ କରୁନାହିଁ, ଅନ୍ୟ ଜଣେ ଯଦି ନିଜ ନାମରେ ଆସିବ, ତେବେ ତୁମ୍ଭେମାନେ ତାହାକୁ ଗ୍ରହଣ କରିବ । ତୁମ୍ଭେମାନେ କିପରି ବିଶ୍ୱାସ କରିପାର ? ତୁମ୍ଭେମାନେ ତ' ପରସ୍ପର ଠାରୁ ଗୌରବ ଗ୍ରହଣ କରୁଅଛ । ପୁଣି ଏକମାତ୍ର ଈଶ୍ୱରଙ୍କ ଠାରୁ ଯେଉଁ ଗୌରବ, ତାହା ପାଇବା ପାଇଁ ଚେଷ୍ଟା କରୁନାହଁ ।'' (ଯୋହନ ୫:୪୩-୪୪) ବର୍ତ୍ତମାନ ଜଗତରେ ଏହି ବାକ୍ୟ କେତେ ସତ୍ୟ ! କାରଣ ମତଶାଖା ମଣ୍ଡଳୀଗୁଡ଼ିକ ଖ୍ରୀଷ୍ଟଙ୍କ ନାମ ପୋତି ଦେଇ, ବିଭିନ୍ନ ନାମ ଧାରଣ କରୁଅଛନ୍ତି । କେହି ଦୁଇ ପ୍ରଭୁର ଦାସ ହୋଇନପାରେ (ମାଥିଉ ୬:୨୪) ଯେଉଁମାନେ ମନୁଷ୍ୟମାନଙ୍କ ନାମ ଧାରଣ କରୁଅଛନ୍ତି, ସେମାନେ ଖ୍ରୀଷ୍ଟଙ୍କ ଆଧିପତ୍ୟକୁ ଅସ୍ୱୀକାର କରୁଅଛନ୍ତି । ମତଶାଖା ମଣ୍ଡଳୀଗୁଡ଼ିକ ସମସ୍ତ ନାମ ଅପେକ୍ଷା ଖ୍ରୀଷ୍ଟଙ୍କ ନାମ ସର୍ବୋତ୍କୃଷ୍ଟ ଅଟେ ।

**ଦୈବୀକ ନାମଗୁଡ଼ିକ :** ପରମେଶ୍ୱର ଆମ୍ଭମାନଙ୍କୁ ଧାରଣ କରିବାକୁ ଦେଇଥିବା ନାମରେ ତିନୋଟି ମୁଖ୍ୟ ଉଦ୍ଦେଶ୍ୟ ରହିଅଛି । (୧) ଏହି ନାମ ଦ୍ୱାରା ଖ୍ରୀଷ୍ଟ ଓ ପିତା ପରମେଶ୍ୱର ମହିମାନ୍ୱିତ ହୁଅନ୍ତି । "କିନ୍ତୁ କେହି ଯଦି ଖ୍ରୀଷ୍ଟିୟାନ ହେବାରୁ ଦଣ୍ଡ ଭୋଗ କରେ, ତାହାହେଲେ ସେ ଲଜ୍ଜାବୋଧ ନ କରୁ, ବରଂ ଏହି ନାମ ହେତୁରୁ ଈଶ୍ୱରଙ୍କ ମହିମା କୀର୍ତ୍ତନ କରୁ ।" (୧ମ ପିତର ୪:୧୬) । ମନୁଷ୍ୟ ନାମ, ମନୁଷ୍ୟକୁ ଗୌରବାନ୍ୱିତ କରେ । (୨) ବାଇବଲ ନାମଗୁଡ଼ିକରେ ଐକ୍ୟତା ରହିଅଛି । ମତଶାଖା ନାମଗୁଡ଼ିକ ବିଭାଜନ ଆଣେ । ଖ୍ରୀଷ୍ଟଙ୍କ ଅନୁକାରୀ ଯେ ଆମ୍ଭେମାନେ, ଆସ ଆମ୍ଭେମାନେ ବିନା ଦିଗ୍‌ଧାରେ ତାହାଙ୍କ ନାମ ଧାରଣ କରୁ । ଖ୍ରୀଷ୍ଟଙ୍କ ନାମ ବ୍ୟତୀତ ବାଇବଲର କୌଣସି ନାମ, କିଅବା ଅନ୍ୟ କୌଣସି ନାମ ଦ୍ୱାରା ଏକତା ଆଣିବା ଅସମ୍ଭବ । (୩) ଖ୍ରୀଷ୍ଟିୟାନ ନାମ ଏକ ମହିମାନ୍ୱିତ ନାମ । (ଯାକୁବ ୨:୭) ତେଣୁ କରି ପାଉଲ ପ୍ରତ୍ୟେକଙ୍କୁ ସେହି ନାମ ଧାରଣ କରିବାକୁ ଉତ୍ସାହିତ କରୁଥିଲେ । (ପ୍ରେରିତ ୨୬:୨୮) । ମଣ୍ଡଳୀ, ଖ୍ରୀଷ୍ଟଙ୍କ କନ୍ୟା ଅଟେ । (ଏଫସୀ ୫:୨୬-୨୭) ଏବଂ କନ୍ୟା ଆପଣା ବରର ନାମ ଆନନ୍ଦରେ ଧାରଣ କରେ ।

**ପରମେଶ୍ୱରଙ୍କ ସହିତ ସଂପର୍କ ନିମନ୍ତେ ସତ୍‌ନାମ ଧାରଣ କରୁ :**

ପରମେଶ୍ୱରଙ୍କ ସହିତ ସଦ୍ ସମ୍ପର୍କ ରଖିବା ନିମନ୍ତେ ଆମ୍ଭମାନଙ୍କୁ ଖ୍ରୀଷ୍ଟଙ୍କ ନାମହିଁ ଧାରଣ କରିବା ଆବଶ୍ୟକ । ସେ ଆପଣା ଗୌରବ ଅନ୍ୟମାନଙ୍କୁଦେବା ନିମନ୍ତେ ଇଚ୍ଛୁକ ନୁହଁନ୍ତି । ମଣ୍ଡଳୀ ଖ୍ରୀଷ୍ଟଙ୍କ ରକ୍ତ ଦ୍ୱାରା କ୍ରୀତ ହୋଇଥିବାରୁ, ତାହା ତାହାଙ୍କ ନାମ ଧାରଣ କରିବା ସମୁଚିତ । ଯୀଶୁ କହିଲେ, "ଆଉ, ମୁଁ ମଧ୍ୟ ତୁମ୍ଭକୁ କହୁଅଛି, ତୁମ୍ଭେ ପିତର, ପୁଣି ଏହି ପଥର ଉପରେ ମୁଁ ଆପଣା ମଣ୍ଡଳୀ ତୋଳିବି, ଆଉ ନରକର ବଳ ତାହାକୁ ପରାଜୟ କରିବ ନାହିଁ ।" (ମାଥିଉ ୧୬:୧୮) । ରୋମୀୟ ମଣ୍ଡଳୀକୁ ପାଉଲ କହନ୍ତି, "ଖ୍ରୀଷ୍ଟଙ୍କ ସମସ୍ତ ମଣ୍ଡଳୀ ତୁମ୍ଭମାନଙ୍କୁ ନମସ୍କାର ଜଣାଉଅଛନ୍ତି ।" (ରୋମୀୟ ୧୬:୧୬) ଖ୍ରୀଷ୍ଟ ମଣ୍ଡଳୀର ମସ୍ତକ, ଦ୍ୱାର, ଆଲୋକ, ସ୍ଥାପକ ଅଟନ୍ତି, ତେବେ ମଣ୍ଡଳୀ ଖ୍ରୀଷ୍ଟଙ୍କ ନାମରେ ନାମିତ ହେବାରେ ଭଲ କଅଣ ଅଛି ? କେବଳ ନାମ ମାତ୍ର ନୁହେଁ, କିନ୍ତୁ ଅନ୍ୟ ସାମଞ୍ଜସ୍ୟତା ନିମନ୍ତେ ମଧ୍ୟ ମଣ୍ଡଳୀ ଖ୍ରୀଷ୍ଟଙ୍କର ବୋଲି ପ୍ରମାଣିତ କରିପାରୁ । ଖ୍ରୀଷ୍ଟଙ୍କ ନାମ ଧାରଣ ଅତ୍ୟନ୍ତ ଆବଶ୍ୟକ, କାରଣ ଏତଦ୍ୱାରା (୧) ପରିଚୟ (୨) ତାହାଙ୍କ ଆଧିପତ୍ୟରେ ଆମ୍ଭେମାନେ ଆମ୍ଭମାନଙ୍କ ସଂଲଗ୍ନ କରୁ ।

ଯାହାଙ୍କ ନାମରେ ଆମ୍ଭେମାନେ ପ୍ରାର୍ଥନା କରୁ, ଯାହାଙ୍କ ନାମରେ ଆମ୍ଭେମାନେ ବାପ୍ତିସ୍ମ ଗ୍ରହଣ କରୁ । ଆସ ତାହାଙ୍କ ନାମ ଆମ୍ଭେ ଧାରଣ କରୁ । କୌଣସି ମନୁଷ୍ୟ ବାପ୍ତିଜକ ଯୋହନଙ୍କ ନାମରେ, କିଅବା ମାର୍ଟିନ୍ ଲୁଥର, କିଅବା କାଲଭିନ୍ ବା ପାଉଲଙ୍କ ନାମରେ ବାପ୍ତିଜିତ ହୁଅନ୍ତି ନାହିଁ ତେବେ ସେମାନେ କାହିଁକି ସେମାନଙ୍କ ନାମ ଧାରଣ କରନ୍ତି ?

ମନୁଷ୍ୟ ମତନୁଯାୟୀ ମନୁଷ୍ୟମାନଙ୍କ ନାମରେ ଅବଶ୍ୟ କିଛି ପ୍ରାଧାନ୍ୟତା ନାହିଁ । କିନ୍ତୁ ଯେଉଁମାନେ ଈଶ୍ୱରଙ୍କ ଦତ୍ତ ନାମକୁ ବିଶେଷ ମଣନ୍ତି ନାହିଁ, ସେମାନେ ଈଶ୍ୱରଙ୍କ ଇଚ୍ଛା ଅଗ୍ରାହ୍ୟ କରନ୍ତି । ଯେଉଁ ମଣ୍ଡଳୀଗୁଡ଼ିକ ନାମ ବାଇବଲରେ ଲିଖିତ ହୋଇନାହିଁ, ସେହି ମଣ୍ଡଳୀଗୁଡ଼ିକର ସତ୍ୟତା ଗ୍ରହଣ କରି ଯେଉଁମାନେ ବିଚାର ସିଂହାସନ ସମ୍ମୁଖରେ ଉଭା ହେବେ, ସେମାନଙ୍କ ଦଶା କେତେ ଶୋଚନୀୟ । ଯଦି ଆପଣ ତାହାଙ୍କ ନାମରେ ବାପ୍ତିଜିତ ହୋଇ (ମାଥିଉ ୨୮:୧୮-୨୦), ତାହାଙ୍କ ନାମରେ ପ୍ରାର୍ଥନା କରି (ଯୋହନ ୧୪:୧୩), ତାହାଙ୍କ ନାମ ଧାରଣ କରି ସମସ୍ତ କାର୍ଯ୍ୟ ତାହାଙ୍କ ନାମରେ ସାଧନ (କଲସୀ ୩:୧୭) କରନ୍ତି, ସମ୍ପୂର୍ଣ୍ଣ ଆନନ୍ଦ ସହ ତାହାଙ୍କ ବିଚାର ସିଂହାସନ ସମ୍ମୁଖରେ ଠିଆ ହୋଇପାରିବେ ।

ଖ୍ରୀଷ୍ଟଙ୍କ ସମସ୍ତ ମଣ୍ଡଳୀ ଆପଣଙ୍କୁ ନମସ୍କାର ଓ ସ୍ୱାଗତ ଜଣାଉଅଛନ୍ତି ।

**- Mac Layton**

# ଦୁଇଟି ଦ୍ୱାର, ଦୁଇଟି ମାର୍ଗ

## (Two gates, two ways)

"ସଂକୀର୍ଣ୍ଣ ଦ୍ୱାର ଦେଇ ପ୍ରବେଶ କର, କାରଣ ସର୍ବନାଶକୁ ଘେନିଯିବା ଦ୍ୱାର ଓ ସାର ଓ ପଥ ପ୍ରଶସ୍ତ, ପୁଣି ତାହା ଦେଇ ପ୍ରବେଶ କରିବା ଲୋକେ ଅନେକ । ଆଉ, ଜୀବନକୁ ଘେନିଯିବା ଦ୍ୱାର ସଂକୀର୍ଣ୍ଣ ଓ ପଥ ଦୁର୍ଗମ, ପୁଣି ତାହାର ସନ୍ଧାନ ପାଇବା ଲୋକେ ଅଳ୍ପ ।" (ମାଥିଉ ୭:୧୩,୧୪)

ଗୋଟିଏ ପରିସ୍ଥିତିରୁ କିଅବା ସ୍ଥାନରୁ ଅନ୍ୟ ଏକ ସ୍ଥାନକୁ ପ୍ରବେଶ କରିବା ନିମନ୍ତେ ଦ୍ୱାରର ଆବଶ୍ୟକତା ପଡ଼ିଥାଏ । ପୂର୍ବକାଳରେ ବିଶାଳ ନଗରୀଗୁଡ଼ିକ ଉଚ୍ଚ ପ୍ରାଚୀର ଦ୍ୱାରା ବେଷ୍ଟିତ ହୋଇଥିବାରୁ, ସେହି ନଗରୀରେ ପ୍ରବେଶ କରିବା ନିମନ୍ତେ ଲୋକମାନେ ଦ୍ୱାର ମାଧ୍ୟମରେ ପ୍ରବେଶ କରୁଥିଲେ ।

ଯୀଶୁଖ୍ରୀଷ୍ଟ ଏହି ଜଗତରେ, ନିବାସ କରିବା ସମୟରେ, ଦ୍ୱାରର ପ୍ରାଧାନ୍ୟତା ଜନସାଧାରଣ ଭଲ ରୂପେ ଜାଣିଥିଲେ । ଦ୍ୱାର ଦ୍ୱାରା ପ୍ରବେଶ ନିଷେଧିତ ହେଲେ ସେମାନେ ନଗର ମଧ୍ୟକୁ ପ୍ରବେଶ କରି ଆବଶ୍ୟକ ବସ୍ତୁ କ୍ରୟ ବିକ୍ରୟ କରି ପାରୁନଥିଲେ । ଏତଦ୍ୱାରା ସେମାନେ ବାଣିଜ୍ୟରେ କ୍ଷତିଗ୍ରସ୍ତ ହେଉଥିଲେ । ନଗରରେ ବାସ କରୁଥିବା ବନ୍ଧୁବାନ୍ଧବମାନଙ୍କ ସହିତ ସାକ୍ଷାତ କରିପାରୁନଥିଲେ । ନଗରର ବାହାରେ ଶତ୍ରୁମାନଙ୍କ ଦ୍ୱାରା ଆକ୍ରମିତ ହେବାର ସମ୍ଭାବନା ମଧ୍ୟ ରହୁଥିଲା । ନଗରର ପ୍ରାଚୀର ମଧ୍ୟରେ ମନ୍ଦିର, ବିଦ୍ୟାଳୟ ପ୍ରଭୃତି ନିର୍ମିତ

ହେଉଥିଲା । ଅତଏବ ଦ୍ୱାର ନିକଟରେ ଲୋକେ ପ୍ରବେଶ ନିଷେଧିତ ହେଲେ, ଅନେକେ ଉତ୍ତମ ବିଷୟରୁ ବଞ୍ଚିତ ହେଉଥିଲେ । ରାଜାମାନେ ନଗର ଦ୍ୱାର ନିକଟରେ ଉଚ୍ଚସ୍ତର ଅତିଥିମାନଙ୍କୁ ସ୍ୱାଗତ ଜଣାଉଥିଲେ । ଭାବବାଦୀ ଓ ଶିକ୍ଷକମାନେ ଦ୍ୱାର ନିକଟରେ ଈଶ୍ୱରଙ୍କ ସମାଚାର ପ୍ରକଟ କରୁଥିଲେ । ଏହି ପ୍ରକାରେ ପୁରାତନ ସମୟରେ ନଗର ଦ୍ୱାର ଅତି ପ୍ରାଧାନ୍ୟତା ଲାଭ କରିଥିଲା ।

ଏକ ବିଶାଳ ନଗରୀର ପ୍ରାଚୀରରେ ଅନେକ ଧରଣର ଦ୍ୱାରଗୁଡ଼ିକ ରହୁଥିଲା । ସବୁଠାରୁ ବଡ଼ ଦ୍ୱାରର ପ୍ରାଧାନ୍ୟତା ଅଧିକ ଥିଲା । ବଡ଼ ଦ୍ୱାରଗୁଡ଼ିକରେ ପ୍ରବେଶ ସହଜ ଥିବାରୁ ଅନେକେ ସେହି ଦ୍ୱାର ଦ୍ୱାରା ଯାତ୍ରା କରୁଥିଲେ । ସ୍ୱାଭାବିକ ଭାବେ ସଂକୀର୍ଣ୍ଣ ଦ୍ୱାରଗୁଡ଼ିକ ଅଧିକ ଭାବେ ବ୍ୟବହୃତ ହେଉନଥିଲା । କେବଳ ବିଶେଷ ସମୟରେ ଏପରି ସଂକୀର୍ଣ୍ଣ ଦ୍ୱାରଗୁଡ଼ିକ ବ୍ୟବହୃତ ହେଉଥିଲା ।

ଉପରୋକ୍ତ ମାଥିଉ ୭ମ ପଦର ବାକ୍ୟ, ଯୀଶୁଖ୍ରୀଷ୍ଟ ପୁରାତନ ବ୍ୟବସ୍ଥାର ସମୟରେ କିଅବା ମୋଶାଙ୍କ ବ୍ୟବସ୍ଥା ସମୟରେ ଆପଣା ଶିଷ୍ୟମାନଙ୍କୁ କହିଥିଲେ । କିନ୍ତୁ ଖ୍ରୀଷ୍ଟଙ୍କ ଶିକ୍ଷାର ସମୟ ପାରିଧି ନାହିଁ, ତେଣୁ କରି ଏହି ବାକ୍ୟ ଆମ୍ଭମାନଙ୍କ ନିମନ୍ତେ ମଧ୍ୟ ମହତ୍ତ୍ୱପୂର୍ଣ୍ଣ ଅଟେ । ଖ୍ରୀଷ୍ଟଙ୍କ ଠାରେ ପରିତ୍ରାଣ ନିମନ୍ତେ, ଆମ୍ଭେମାନେ ଏକ ସଂକୀର୍ଣ୍ଣ ଦ୍ୱାର ଦେଇ ପ୍ରବେଶ କରୁ । କିପରି ଏକ ବ୍ୟକ୍ତି ସଂକୀର୍ଣ୍ଣ ଦ୍ୱାର ଦେଇ ପ୍ରବେଶ କରି ପରିତ୍ରାଣ ପାଇପାରେ ? ବିଶ୍ୱାସ (ଯୋହନ ୮:୨୪, ଏବ୍ରୀ ୧୧:୬) ମନପରିବର୍ତ୍ତନ (ଲୂକ ୧୩:୩, ପ୍ରେରିତ ୧୭:୩୦-୩୧) ଖ୍ରୀଷ୍ଟଙ୍କ ଠାରେ ଆପଣା ବିଶ୍ୱାସ ସ୍ୱୀକାର (ପ୍ରେରିତ ୮:୩୭, ରୋମ ୯-୧୦) ଏବଂ ପାପକ୍ଷମା ନିମନ୍ତେ ଡୁବନ ଗ୍ରହଣ (ମାର୍କ ୧୬:୧୬, ପ୍ରେରିତ ୨:୩୮, ରୋମ ୬:୩-୫) ଏତଦ୍ୱାରା ଆମ୍ଭେମାନେ ଆତ୍ମିକଭାବେ ପରିବର୍ତ୍ତିତ ହୋଇଥାଉ । ଏକ ପରିସ୍ଥିତିରୁ ଅନ୍ୟ ଏକ ପରିସ୍ଥିତିକୁ ସ୍ଥାନାନ୍ତରିତ ହେଉ । (୨ୟ କରିନ୍ଥୀ ୫:୧୭) ଏହି ଦ୍ୱାରରେ ପ୍ରବେଶ କରିବା ଦ୍ୱାରା ଆତ୍ମିକ ମୃତ୍ୟୁରୁ ମୁକ୍ତ ହୋଇ, ଆତ୍ମିକ ଜୀବନରେ ପ୍ରବେଶ କରୁ । (କଲସୀ ୨:୧୨-୧୩) ପରମେଶ୍ୱରଙ୍କ ରାଜ୍ୟରେ ନିବାସ କରିବାକୁ ସୁଯୋଗ ପାଉ । ସେଠାରେ ଆମ୍ଭମାନଙ୍କ ଆତ୍ମାର ସୁରକ୍ଷା ।

ଆଜିର ଦୁନିଆରେ ଆମ୍ଭେମାନେ ଅନେକ ପ୍ରକାରର ଦ୍ୱାର ଦେଖିବାକୁ ପାଉ । କେତୋଟି ପୁରାତନ ନଗରମାନଙ୍କରେ ଦ୍ୱାର ଅଛି । ଗୃହଦ୍ୱାର ଦ୍ୱାରା ଆମ୍ଭେମାନେ ଗୃହରେ ପ୍ରବେଶ କରୁ । ଅନେକ ସମୟରେ ଦେଶର ସୀମାରେ ଦ୍ୱାର ଦେଖିବାକୁ ପାଉ । ଆତ୍ମିକ ଜୀବନରେ ମଧ୍ୟ ଦୁଇଟି ଦ୍ୱାର ଅଛି । ଏକ ଜୀବନ ଦ୍ୱାର ଓ ଏକ ମୃତ୍ୟୁର ଦ୍ୱାର ।

'ପଥ' ବା 'ମାର୍ଗ' ବିଷୟରେ ଆମ୍ଭେମାନେ ପ୍ରତ୍ୟେକେ ଜ୍ଞାତ ଅଟୁ । ବଣଜଙ୍ଗଲର ପଥର ଅନ୍ୟ ପାର୍ଶ୍ୱରେ କଅଣ ଅଛି, ଜାଣିନପାରୁ । ପାହାଡ଼ ପର୍ବତର ତିଖ ରାସ୍ତାରେ

ଅଜାଗ୍ରତରେ ଚାଲିଲେ ବିପଦର ସମ୍ମୁଖୀନ ହେଉ । ନଗରର ରାସ୍ତାଗୁଡ଼ିକ ଅନେକ ଅର୍ଥ ବ୍ୟୟରେ ମନୁଷ୍ୟମାନଙ୍କ ଉପଯୋଗୀ ରୂପେ ନିର୍ମିତ ହୋଇଥାଏ । ଆତ୍ମିକ ଜୀବନରେ ମଧ୍ୟ ଦୁଇଟି ରାସ୍ତା ଅଛି । ଅନେକେ ଯାତ୍ରା କରୁଥିବା ପାପ ଓ ଆତ୍ମିକ ମରଣର ଓସାର ପଥ (ରୋମୀୟ ୩:୧୦-୨୦,୨୩) ଦ୍ୱିତୀୟଟି ଯୀଶୁଖ୍ରୀଷ୍ଟଙ୍କ ଆତ୍ମିକ ସଂକୀର୍ଣ୍ଣ ପଥ । (ଯୋହନ ୧୪:୬, ଏବ୍ରୀ ୧୦:୧୯-୨୨) ସତ୍ୟର ପଥ କେବେ ବି ସହଜ ନୁହେଁ । ସୁସମାଚାର ରୂପ ପାଦୁକା ପିନ୍ଧି ଖ୍ରୀଷ୍ଟଙ୍କ ମାର୍ଗରେ ଆମ୍ଭେମାନେ ଯାତ୍ରା କଲେ, ଅନନ୍ତଜୀବନ ପ୍ରାପ୍ତ ହୋଇପାରିବା (କଲସୀ ୨:୬, ଏଫିସୀ ୬:୧୫) ଏତଦ୍ୱାରା ଆମ୍ଭେମାନେ ତାହାଙ୍କ ସୁସମାଚାର ଆଜ୍ଞାବହତା ହୋଇ ତାହାଙ୍କ ଶିକ୍ଷାରେ ଆଚରଣ କରୁ । (ମାଥିଉ ୭:୨୧, ୧ମ କରିନ୍ଥୀ ୧୫:୫୮, ୨ ଥେସ ୧:୮, ଏବ୍ରୀ ୮:୧୨-୧୪)

ପ୍ରଭୁଙ୍କ ସହଭାଗିତାରେ ଆମ୍ଭେମାନେ ଆଲୋକସ୍ୱରୂପ ହୋଇ ଆଲୋକରେ ଆଚରଣ କରୁ । (ଏଫିସୀ ୫:୮,୧୫) ଖ୍ରୀଷ୍ଟ ଆମ୍ଭମାନଙ୍କ ଆଦର୍ଶ । ତାହାଙ୍କ ପଦଚିହ୍ନରେ ଆଚରଣ କରୁ । (ଏବ୍ରୀ ୫:୮-୯, ୧ମ ପିତର ୨:୨୧-୨୫) ନୂତନ ନିୟମ ଧ୍ୟାନ କରିବା ଦ୍ୱାରା ଆମ୍ଭେମାନେ କିପରି ଏ ଜୀବନରେ ଯାତ୍ରା କରିପାରିବା ଜ୍ଞାତ ହୋଇପାରିବା । (ଯୋହନ ୮:୩୧-୩୨, ୨ ପିତର ୧:୫) ପଶ୍ଚାତ ବିଷୟସବୁ ମନରୁ ଦୂର କରି ସମ୍ମୁଖରେ ଥିବା ବିଷୟଗୁଡ଼ିକ ପ୍ରତି ଦୃଷ୍ଟି ରଖି ଖ୍ରୀଷ୍ଟଯୀଶୁଙ୍କ ଠାରେ ଈଶ୍ୱରଙ୍କ ସ୍ୱର୍ଗସ୍ଥ ଆହ୍ୱାନର ପଥ ପାଇବା ନିମନ୍ତେ ପ୍ରାଣ ପଣ କରି ଲକ୍ଷ୍ୟସ୍ଥଳକୁ ଦୌଡ଼ୁ । (ଫିଲିପୀ ୩:୧୪) ପଥ ବିଚଳିତ ହୋଇ ପଥରୁ ଯେପରି ଖସି ନ ପଡ଼ୁ । ଏଥି ନିମନ୍ତେ ଆମ୍ଭମାନଙ୍କ ବିଷୟରେ ବିଶେଷ ଯତ୍ନ ନେଉ । (୧ମ ଯୋହନ ୧:୭-୧୦, ୨ ପିତର ୧:୧୦-୧୧) ଏହି ଜଗତର କେବଳ ଦୁଇଟି ପଥ ଅଛି । ଜାଗତିକ ଓ ଆତ୍ମିକ । ସନ୍ଧାନ ସହକାରେ ଆମ୍ଭେମାନେ ସତ୍ୟପଥରେ ଧାବମାନ ହେଉ ।

ଅନେକ ଶତାବ୍ଦୀ ପୂର୍ବେ ଯିଶାଇୟ ଭାବବାଦୀ ଖ୍ରୀଷ୍ଟଙ୍କ ମଣ୍ଡଳୀ ରୂପ ରାଜ୍ୟ ବିଷୟରେ, ଦ୍ୱାର ବିଷୟରେ ଭାବବାଣୀ ପ୍ରକଟ କରିଥିଲେ । "ତୁମ୍ଭେମାନେ ଅଗ୍ରସର ହୁଅ, ନଗର-ଦ୍ୱାର ମଧ୍ୟଦେଇ ଅଗ୍ରସର ହୁଅ, ଲୋକମାନଙ୍କର ପଥ ପ୍ରସ୍ତୁତ କର । ଉଚ୍ଚ କର, ରାଜପଥ ଉଚ୍ଚ କର, ପ୍ରସ୍ତର ସବୁ ବାହାର କରି ସଂଗ୍ରହ କର, ଗୋଷ୍ଠୀ ସମୂହ ନିମନ୍ତେ ଏକ ଧ୍ୱଜା ଉଠାଅ । ଦେଖ, ସଦାପ୍ରଭୁ ପୃଥିବୀର ପ୍ରାନ୍ତ ପର୍ଯ୍ୟନ୍ତ ଏହା ଘୋଷଣା କରିଅଛନ୍ତି, ତୁମ୍ଭେମାନେ ସିୟୋନର କନ୍ୟାକୁ କୁହ, ଦେଖ ସଦାପ୍ରଭୁ ପୃଥିବୀର ପ୍ରାନ୍ତ ପର୍ଯ୍ୟନ୍ତ ଏହା ଘୋଷଣା କରିଅଛନ୍ତି, ତୁମ୍ଭେମାନେ ସିୟୋନର କନ୍ୟାକୁ କୁହ, ଦେଖ, ତୁମ୍ଭର ପରିତ୍ରାଣ ଆସୁଅଛି, ଦେଖ, ତାହାଙ୍କ ପୁରସ୍କାର ତାହାଙ୍କ ସାଙ୍ଗରେ ଅଛି ଓ ତାହାଙ୍କ ପ୍ରତିଦାନ ତାହାଙ୍କ ସମ୍ମୁଖରେ ଅଛି । ପୁଣି, ଲୋକମାନେ ସେମାନଙ୍କୁ ପବିତ୍ର ଲୋକ, ସଦାପ୍ରଭୁଙ୍କର ମୁକ୍ତ ବୋଲି ଡାକିବେ, ଆଉ ତୁମ୍ଭେ ଅନ୍ୱେଷିତା, ଅପରିତ୍ୟକ୍ତା ନଗରୀ ବୋଲି ଖ୍ୟାତ ହେବ ।" (ଯିଶାଇୟ ୬୨:୧୦-୧୨)

'ପବିତ୍ର ଲୋକ' 'ସଦା ପ୍ରଭୁଙ୍କ ମୁକ୍ତ' 'ଅନ୍ୱେଷିତା' ଓ 'ଅପରିତ୍ୟକ୍ତା' ନଗରୀ ହେବା ନିମନ୍ତେ ଆସ ଆମ୍ଭେମାନେ ସଂକୀର୍ଣ୍ଣ ଦ୍ୱାର ଓ କଠିନ ମାର୍ଗରେ ପ୍ରବେଶ କରୁ ।

ଜଗତରେ କେବଳ ଦୁଇଟି ଦ୍ୱାର ଓ ଦୁଇଟି ମାର୍ଗ ଅଛି । କେଉଁ ଦ୍ୱାରରେ ଆପଣ ପ୍ରବେଶ କରି ଅଛନ୍ତି ?

**- J.L. Leifeste**

# ''ଏପରି ମହା ପରିତ୍ରାଣ...''
## (So Great Salvation)

''ଅତଏବ, ଶୁଣାଯାଇଥିବା ବାକ୍ୟ ପ୍ରତି ଅଧିକ ମନୋଯୋଗୀ ହେବା ଆମ୍ଭମାନଙ୍କର ଉଚିତ, ନୋହିଲେ କାଳେ ଆମ୍ଭେମାନେ ଲକ୍ଷ୍ୟଭ୍ରଷ୍ଟ ହେବୁ । କାରଣ ଦୂତମାନଙ୍କ ଦ୍ୱାରା କଥିତ ବାକ୍ୟ ଯଦି ଅଟଳ ହୋଇ ରହିଲା, ଆଉ ପ୍ରତ୍ୟେକ ଆଜ୍ଞା ଲଘଂନ ଓ ଅବାଧ୍ୟତା ଯଥାର୍ଥ ପ୍ରତିଶୋଧ ପାଇଲା, ତେବେ ଏପରି ମହା ପରିତ୍ରାଣ ଅବହେଳା କଲେ ଆମ୍ଭେମାନେ କିପରି ରକ୍ଷା ପାଇବା ? ତାହା ତ ପ୍ରଥମରେ ପ୍ରଭୁଙ୍କ ଦ୍ୱାରା କଥିତ ହୋଇ ଶ୍ରବଣ କରିଥିବା ବ୍ୟକ୍ତିମାନଙ୍କ ଦ୍ୱାରା ଆମ୍ଭମାନଙ୍କ ନିକଟରେ ପ୍ରମାଣସିଦ୍ଧ ହେଲା । ସେ ସମ୍ବନ୍ଧରେ ଈଶ୍ୱର ମଧ୍ୟ ନିଜ ଇଚ୍ଛାନୁସାରେ ନାନା ଚିହ୍ନ ଓ ଅଦ୍ଭୁତ କର୍ମ ପୁଣି ବିବିଧ ଶକ୍ତିର କାର୍ଯ୍ୟ ଓ ପବିତ୍ର ଆତ୍ମାଙ୍କ ଅନ୍ୟାନ୍ୟ ଦାନ ଦ୍ୱାରା ସାକ୍ଷ୍ୟ ଦେଇଅଛନ୍ତି ।'' (ଏବ୍ରୀ ୨:୧-୪)

ଏଠାରେ କୁହାଯାଉଥିବା ପରିତ୍ରାଣ ବିଷୟରେ ପ୍ରଥମେ ପ୍ରଭୁ ଯୀଶୁଖ୍ରୀଷ୍ଟ ମାର୍କ ୧୬:୧୫-୧୬ ପଦରେ ବ୍ୟକ୍ତ କରନ୍ତି । ତଥା ଗାଲାତୀ ୧:୧୦-୧୨ ଓ ଏବ୍ରୀ ୨:୩-୪ ପଦରେ ମଧ୍ୟ ପଢ଼ିପାରୁ । ଆପଣା ଆପଣା ପରିତ୍ରାଣ ଅବହେଳା କରିବା ନିମନ୍ତେ ଆମ୍ଭେମାନେ ଫିଲିପୀ ୨:୧୨ ପଦରେ ଆଜ୍ଞାପିତ ହୋଇଅଛୁ । ତାହା କିପରି ସମ୍ଭବପର ହୋଇଥାଏ ? ତାହାଙ୍କ ଆଜ୍ଞା ପାଳନ କରି (ମାର୍କ ୧୬:୧୬, ପ୍ରେରିତ ୨:୩୬-୩୮) ମରଣ ପର୍ଯ୍ୟନ୍ତ ବିଶ୍ୱସ୍ତ ଜୀବନଯାପନ କରିବା ଦ୍ୱାରା (ତିତସ ୨:୧୧-୧୨ ଓ ପ୍ରକାଶିତ ୨:୧୦) ପଥଭ୍ରଷ୍ଟ ଖ୍ରୀଷ୍ଟିୟାନମାନେ ଆପଣା ଆପଣା ପରିତ୍ରାଣ ସାଧନ କରୁ ନାହାନ୍ତି କାରଣ ପରିତ୍ରାଣ କେବଳ କ୍ଷଣିକ ନୁହେଁ ତାହା ଚିରକାଳ ସ୍ଥାୟୀ । ଆଜ୍ଞାବହତା ଦ୍ୱାରା ଆମ୍ଭେମାନେ ବର୍ତ୍ତମାନ କାଳରେ ପରିତ୍ରାଣ ପାଇଥାଉ ଏବଂ ମରଣ ପର୍ଯ୍ୟନ୍ତ ବିଶ୍ୱସ୍ତ ଜୀବନଯାପନ କରିବା ଦ୍ୱାରା ଆମ୍ଭେମାନେ ଅନନ୍ତ ପରିତ୍ରାଣର ଅଧିକାରୀ ହୋଇପାରିଥାଉ । (୧ମ ଥେସଲନୀକୀ ୪:୧୩-୧୮) ପିତର କହନ୍ତି,''ସେଥିର ପ୍ରତିରୂପ ବାପ୍ତିସ୍ମ, ଅର୍ଥାତ୍ ଶରୀରର ମଳିନତା ଦୂରୀକରଣ ନୁହେଁ, କିନ୍ତୁ ଈଶ୍ୱରଙ୍କ ନିକଟରେ ଶୁଦ୍ଧ ବିବେକ ପାଇବା ନିମନ୍ତେ ପ୍ରାର୍ଥନା ଯୀଶୁଖ୍ରୀଷ୍ଟଙ୍କ ପୁନଃରୁତ୍ଥାନ ଦ୍ୱାରା

ଏବେ ତୁମ୍ଭମାନଙ୍କୁ ପରିତ୍ରାଣ କରୁଅଛି ।'' (୧ ପିତର ୩:୨୧)

ଆମ୍ଭମାନଙ୍କ ପରିତ୍ରାଣ କାହିଁକି ଏତେ ମହାନ୍ ? ନୋହ ଓ ତାହାଙ୍କ ପରିବାର ବନ୍ୟାରୁ ରକ୍ଷା ପାଇବା ଠାରୁ ଏବଂ ଇଶ୍ରାଏଲ ମିଶର ବନ୍ଦୀତ୍ୱରୁ ମୁକ୍ତ ହେବା ଠାରୁ ଆମ୍ଭମାନଙ୍କ ପରିତ୍ରାଣ ମହାନ୍ ଅଟେ ବୋଲି ବାକ୍ୟ ସୁସ୍ପଷ୍ଟ କରେ । (ଏବ୍ରୀ ୧୧:୭, ଯାତ୍ରା ୧୩-୧୮)

ଯୀଶୁଖ୍ରୀଷ୍ଟ ଆପଣା ଲୋକମାନଙ୍କୁ ପାପରୁ ମୁକ୍ତ କରିବା ପାଇଁ ଏହି ଜଗତରେ ଅବତରଣ କରିଥିବାରୁ ଏହା ମହା ପରିତ୍ରାଣ ଅଟେ । (ମାଥିଉ ୧:୨୧) ପାପର ଅର୍ଥ ଲକ୍ଷ୍ୟଭ୍ରଷ୍ଟ ହେବା କାରଣ ବାକ୍ୟ କହେ, ''କାରଣ କୌଣସି ପ୍ରଭେଦ ନାହିଁ, ସମସ୍ତେ ତ ପାପ କରିଅଛନ୍ତି, ପୁଣି ଈଶ୍ୱରଙ୍କ ଗୌରବରହିତ ହୋଇଅଛନ୍ତି ।'' (ରୋମୀୟ ୩:୨୩) ଯଦି ଆମ୍ଭେମାନେ କହୁ, ଆମ୍ଭେମାନେ ପାପ କରୁନାହିଁ, ତାହାହେଲେ ଆମ୍ଭେମାନେ ପରମେଶ୍ୱରଙ୍କୁ ମିଥ୍ୟାବାଦୀ କରୁଅଛୁ (୧ ଯୋହନ ୧:୬-୧୦) ପାପର ପ୍ରତିଫଳ, କାମୁକତା, ପ୍ରତୀମା ପୂଜା, ଦଳଭେଦ, ମତଭେଦ, ଇର୍ଷା ଇତ୍ୟାଦି ।

ମହା ପରିତ୍ରାଣର ମୂଲ୍ୟ : (୧) ମହା ପରିତ୍ରାଣର ମୂଲ୍ୟାର୍ଥେ ପରମେଶ୍ୱରଙ୍କ ଅଦ୍ୱିତୀୟ ପୁତ୍ର ଆପଣାକୁ ଅର୍ପଣ କରିଥିଲେ । (ମାଥିଉ ୨୭:୩୩, ମାର୍କ ୧୫:୨୨) ''ଯେ ତାହାଙ୍କୁ ମୃତ୍ୟୁରୁ ରକ୍ଷା କରିବାକୁ ସମର୍ଥ ତାହାଙ୍କ ନିକଟରେ ସେ ଆପଣା ପାର୍ଥିବ ଜୀବନରେ ଥିବା ସମୟରେ ପ୍ରବଳ ଆର୍ତ୍ତନାଦ ଓ ଅଶ୍ରୁ ସହକାରେ ପ୍ରାର୍ଥନା ଓ ବିନୀତ ଉତ୍ସର୍ଗ କରିଥିଲେ । ଆଉ ଉତ୍ତର ସ୍ୱରୂପେ ଆଶଙ୍କାରୁ ରକ୍ଷା ପାଇ......'' (ଏବ୍ରୀ ୫:୭)

(୨) ଯୀଶୁ କହିଲେ, ''ମନୁଷ୍ୟ ଯେବେ ସମସ୍ତ ଜଗତ ଲାଭ କରି ଆପଣା ଜୀବନ ହରାଏ, ତେବେ ତାହାର କି ଲାଭ ହେବ ? କିମ୍ବା ମନୁଷ୍ୟ ଆପଣା ଜୀବନ ବଦଳରେ କଅଣ ଦେବ ? ଏହି ବାକ୍ୟରୁ ଆମ୍ଭମାନଙ୍କ ଆତ୍ମା କେତେ ବହୁମୂଲ୍ୟ ଜାଣିପାରୁ । ଏହି ବହୁମୂଲ୍ୟ ଆତ୍ମାର ରକ୍ଷା ନିମନ୍ତେ ପ୍ରଭୁଯୀଶୁ ଏହି ଜଗତରେ ଅବତରଣ କରିଥିଲେ । ''ଆନନ୍ଦିତ ହୋଇ ତୁମ୍ଭମାନଙ୍କ ବିଶ୍ୱାସର ଲକ୍ଷ୍ୟ ଯେ, ଆତ୍ମାର ପରିତ୍ରାଣ ତାହା ପାଉଅଛ ।''' (୧ ପିତର ୧:୯)

ପରିତ୍ରାଣ ଆମ୍ଭମାନଙ୍କ ଆତ୍ମାକୁ ଆଶୀଷ, ଶାନ୍ତି ଓ ସନ୍ତୋଷତାରେ ଭରିଦିଏ । ବାକ୍ୟ କହେ, ''ସଦାପ୍ରଭୁଙ୍କ ବ୍ୟବସ୍ଥା ସିଦ୍ଧ, ପ୍ରାଣର ସ୍ୱାସ୍ଥ୍ୟଜନକ......'' (ଗୀତ ୧୯:୭) । ଦାଉଦ ରାଜାଙ୍କ ରଚିତ ଗୀତ ସଂହୀତାର ପ୍ରଥମ ବାକ୍ୟରେ ରଚିତ ପଦ ସଦୃଶ୍ୟ ଯୀଶୁ ଦୁଇଟି ପଥ ବିଷୟରେ କହନ୍ତି, ''ସଂକୀର୍ଣ୍ଣ ଦ୍ୱାର ଦେଇ ପ୍ରବେଶ କର, କାରଣ ସର୍ବନାଶକୁ ଘେନିଯିବା ଦ୍ୱାର ଓସାର ଓ ପଥ ପ୍ରଶସ୍ତ, ପୁଣି ତାହା ଦେଇ ପ୍ରବେଶ କରିବା ଲୋକେ ଅନେକ, ଆଉ ଜୀବନକୁ ଘେନିଯିବା ଦ୍ୱାର ସଂକୀର୍ଣ୍ଣ ଓ ପଥ ଦୁର୍ଗମ, ପୁଣି ତାହାର ସନ୍ଧାନ ପାଇବା ଲୋକେ ଅଳ୍ପ ।'' (ମାଥିଉ ୧୩:୧୪ ) ଯୀଶୁଖ୍ରୀଷ୍ଟ ଏକମାତ୍ର ପଥ ଅଟନ୍ତି (ଯୋହନ ୧୪:୬) ଏବଂ

ମଣ୍ଡଳୀ ସ୍ଥାପନ ପରେ ଖ୍ରୀଷ୍ଟିୟାନ ଖ୍ରୀଷ୍ଟଙ୍କ ପଥର ପଥିକ ରୂପେ ବର୍ଣ୍ଣିତ କରାଯାଇଅଛନ୍ତି । (ରୋମୀୟ ୧୬:୧୬, ପ୍ରେରିତ ୯:୨, ୧୬:୯-୨୩) ପ୍ରଭୃତି । ପ୍ରଭୁଙ୍କ ପଥ ଫୁଲଝରିର ପଥ ନୁହେଁ କିନ୍ତୁ କଣ୍ଟକମୟ, କ୍ଲେଶ, ଦୁଃଖ ଓ କଷ୍ଟର ପଥରେ ଶେଷରେ ଖ୍ରୀଷ୍ଟିୟାନମାନଙ୍କ ନିମନ୍ତେ ଆନନ୍ଦ ଜୀବନ ସଞ୍ଚିତ ହୋଇଅଛି ।

ଏହି ମହାନ୍ ପରିତ୍ରାଣ ପ୍ରତ୍ୟେକଙ୍କ ନିମନ୍ତେ ଦତ୍ତ ହୋଇଅଛି । ''କାରଣ ଯାହା ହଜିଅଛି, ତାହା ଖୋଜି ରକ୍ଷା କରିବାକୁ ମନୁଷ୍ୟପୁତ୍ର ଆସିଅଛନ୍ତି ।'' (ଲୂକ ୧୯:୧୦) ଏବଂ ''ଯେ ବିଶ୍ୱାସ କରି ବାପ୍ତିଜିତ ହୁଏ, ସେ ପରିତ୍ରାଣ ପାଇବ, କିନ୍ତୁ ଯେ ଅବିଶ୍ୱାସ କରେ, ସେ ଦଣ୍ଡାଜ୍ଞା ପାଇବ ।'' (ମାର୍କ ୧୬:୧୬)

ମହା ପରିତ୍ରାଣ ସର୍ବଯୁକ୍ତ । ପରମେଶ୍ୱରଙ୍କ ଯୋଜନାନୁଯାୟୀ ପାପୀ ମନୁଷ୍ୟ ବାକ୍ୟରେ ବିଶ୍ୱାସ କରି ଆଜ୍ଞାବହ ହେବା ଦ୍ୱାରା ପରିତ୍ରାଣ ପ୍ରାପ୍ତ ହୁଏ । ଅନେକେ ପରମେଶ୍ୱରଙ୍କ ବାକ୍ୟ ଶ୍ରବଣ କରନ୍ତି କିନ୍ତୁ ଅବହେଳା କରନ୍ତି । ବିଶ୍ୱାସକାରୀ ପ୍ରତ୍ୟେକେ ଆଜ୍ଞାବହ ନହୋଇ ପଛଘୁଞ୍ଚାନ୍ତି ସେମାନଙ୍କ ମଧ୍ୟରୁ ରାଜା ଆଗ୍ରିପା ଅନ୍ୟତମ (ପ୍ରେରିତ ୨୬:୨୭-୨୯)

ଅବହେଳା ଯୋଗୁଁ ଭକ୍ତ ଓ ଧାର୍ମିକ ଲୋକେ ମଧ୍ୟ ପରିତ୍ରାଣ ପ୍ରାପ୍ତିରୁ ବଞ୍ଚିତ ହୁଅନ୍ତି । ମରଣ ପୂର୍ବେ ଆଜ୍ଞାବହ ହେବା ନିମନ୍ତେ ଅନେକ ଆପଣା ଆପଣା ହୃଦୟରେ ସ୍ଥିର କରିଥାନ୍ତି । ମନୁଷ୍ୟ ପାପରୁ ବିମୁଖ ହୋଇ ମନ ପରିବର୍ତ୍ତନ ନକଲେ ବିନାଶ ସୁନିଶ୍ଚିତ ।

ଏପରି ମହା ପରିତ୍ରାଣ ଆମ୍ଭେମାନେ ଅବହେଳା କଲେ ଆମ୍ଭେମାନେ କିପରି ଅନନ୍ତଜୀବନରେ ପ୍ରବେଶ କରିପାରିବା ? ମରଣ ପର୍ଯ୍ୟନ୍ତ ବିଶ୍ୱସ୍ତ ଜୀବନଯାପନ କଲେ ଆମ୍ଭେମାନେ ଜୀବନରୂପ ମୁକୁଟ ପାଇପାରିବା । ଅବହେଳା କଲେ ତାହାଙ୍କ ଦତ୍ତ ଆଶୀଷ ସକଳରୁ ବଞ୍ଚିତ ହେବା । ବାକ୍ୟ କହେ, ''ଯୁବା ମନୁଷ୍ୟ କି ପ୍ରକାରେ ଆପଣା ପଥ ପରିଷ୍କାର କରିବ ? ତୁମ୍ଭ ବାକ୍ୟାନୁଯାୟୀ ତହିଁ ବିଷୟରେ ସାବଧାନ ହେଲେ କରିବ ?'' (ଗୀତ ୧୧୯:୯)

**- W.A. Holley**

# ''ଆମ୍ଭମାନଙ୍କ ପ୍ରାଣ ଏହି ଲଘୁ ଅନ୍ନକୁ ଘୃଣା କରେ ''

(ଗଣନା ୨୧:୫)

ଇଶ୍ରାଏଲୀୟମାନେ ମିସରର ବନ୍ଦୀତ୍ୱରୁ ମୁକ୍ତ ହୋଇ କିଣାନ ଦେଶକୁ ଯାତ୍ରା କରିବା ଅରଣ୍ୟପଥରେ କ୍ଷୁଧିତ ଓ ତୃଷିତ ହେଲେ । ପିତା ପରମେଶ୍ୱର ସେମାନଙ୍କୁ ସ୍ୱର୍ଗରୁ ଆହାର, ମାନ୍ନା ପ୍ରଦାନ କରିଥିଲେ । (ଯାତ୍ରା ୧୬ମ ପର୍ବ) । ସେହି ମାନ୍ନା ସେମାନେ ଆନନ୍ଦରେ ଭୋଜନ କରି ଆପଣା କ୍ଷୁଧା ନିବାରଣ କଲେ । ପ୍ରାୟ ୪୦ ବର୍ଷରେ ସେମାନେ ଆଉ ମାନ୍ନା ଭୋଜନ

କରିବାରେ ଅସନ୍ତୁଷ୍ଟ ଭାବ ପ୍ରକାଶ କଲେ । ମିସର ଦେଶର ସୁସ୍ୱାଦ ଭୋଜନ ସେମାନେ ସ୍ମରଣ କରି ଅସ୍ଥିର ହେବାକୁ ଲାଗିଲେ । (ଗଣନା ୧୧:୫) ଲଙ୍ଗଳରେ ହାତ ଦେଇ ପଛକୁ ଚାହିଁବା ଲୋକ ପରମେଶ୍ୱରଙ୍କ ରାଜ୍ୟର ଯୋଗ୍ୟ ନୁହେଁ । ପ୍ରତିଜ୍ଞାତ ଦେଶ ନିମନ୍ତେ ଯାତ୍ରା ଆରମ୍ଭ କରି, ଜାଗତିକ ଭୋଗବିଳାସ ଓ ପାପ ପ୍ରତି ଆକୃଷ୍ଟ ହେବା ଖ୍ରୀଷ୍ଟିୟାନମାନେ ମଧ୍ୟ ପରଶ୍ୱେରଙ୍କ ରାଜ୍ୟର ଯୋଗ୍ୟ ନୁହଁନ୍ତି । ଇଶ୍ରାଏଲୀୟମାନଙ୍କ ହୃଦୟ ମିସର ଦେଶ ଆଡ଼େ ଆକୃଷ୍ଟ ହେବାକୁ ଲାଗିଲା । (ପ୍ରେରିତ ୭:୩୯)

ପରମେଶ୍ୱରଙ୍କ ଦତ୍ତ ସ୍ୱର୍ଗୀୟ ଆହାର ମାନ୍ନା, ଇଶ୍ରାଏଲୀୟମାନଙ୍କ ପ୍ରୟୋଜନୀୟ ଖାଦ୍ୟ । ଏହା କେବେ ପୁରୁଣା, ଅତୃଷ୍ଟିକର କିଅବା ଅଖାଦ୍ୟ ହେବାର ପ୍ରଶ୍ନ ଉଠେ ନାହିଁ । ସେହିପରି ଯେଉଁ ସାଧୁମାନଙ୍କ ନିକଟରେ ଏକାଥରକେ ସମର୍ପିତ ବିଶ୍ୱାସର ମଧ୍ୟ କୌଣସି ପରିବର୍ତ୍ତନ ନାହିଁ । ସ୍ୱର୍ଗୀୟ ମାନ୍ନା ଯେପରି ଇଶ୍ରାଏଲମାନଙ୍କ ନିମନ୍ତେ ପ୍ରୟୋଜନୀୟ ସମ୍ପୂର୍ଣ୍ଣ ଓ ସିଦ୍ଧ ଆହାର ଥିଲା, ସେହିପରି ପରମେଶ୍ୱରଙ୍କ ମଣ୍ଡଳୀ ପ୍ରତି ପ୍ରତ୍ୟେକ ଆଜ୍ଞା ସମ୍ପୂର୍ଣ୍ଣ, ସିଦ୍ଧ ଓ ପ୍ରୟୋଜନୀୟ ଅଟେ । ସେଥିରେ ଆଉ କିଛି ଯୋଗ କରିବାର ଆବଶ୍ୟକତା ନାହିଁ ।

ପରମେଶ୍ୱରଙ୍କ ଦତ୍ତ ସ୍ୱର୍ଗୀୟ ଆହାର ମାନ୍ନା ଯେପରି ସିଦ୍ଧ, ସରଳ ଓ ଆବଶ୍ୟକୀୟ, ପରମେଶ୍ୱରଙ୍କ ଆଜ୍ଞା, ସକଳ ସିଦ୍ଧ, ସରଳ ଓ ମନୁଷ୍ୟର ହିତଜନକ ଅଟେ । ପ୍ରଭୁ ଯୀଶୁ ଯେତେବେଳେ ପାଞ୍ଚ ହଜାର ପୁରୁଷଙ୍କୁ ଭୋଜନ ଦ୍ୱାରା ପରିତୃପ୍ତ କଲେ, ସେ ଗରିଷ୍ଠ ଖାଦ୍ୟ ପରିବେଷଣ ନ କରି ରୋଟୀ ଓ ମାଛ ପରିବେଷଣ କରିଥିଲେ । (ମାଥିଉ ୧୪:୨୦) ବାପ୍ତିଜକ ଯୋହନଙ୍କ ଖାଦ୍ୟ ପଙ୍ଗପାଳ ଓ ବନମଧୁ ଥିଲା ବୋଲି ମାଥିଉ ୩:୪ ପଦରୁ ଜାଣିପାରୁ ।

ପରମେଶ୍ୱର ମଣ୍ଡଳୀ ନିମନ୍ତେ ସରଳ ଓ ସିଦ୍ଧ ଆହାର ପ୍ରଦାନ କରନ୍ତି । ତାହାଙ୍କ ଦତ୍ତ ଆରାଧନା ପଦ୍ଧତି, ରୀତି ନିୟମ, ଖ୍ରୀଷ୍ଟିୟାନ ଜୀବନ ପ୍ରତ୍ୟେକ ସରଳ ଓ ସିଦ୍ଧ ଅଟେ । ଆମ୍ଭମାନଙ୍କ ଉପାସନାରେ ଯାନ୍ତ୍ରିକ ବାଦ୍ୟର ସ୍ଥାନ ନାହିଁ । ଆମ୍ଭେମାନେ ଗୀତ, ସ୍ତୋତ୍ର ଓ ଆଧ୍ୟାତ୍ମିକ ସଙ୍ଗୀତ ଦ୍ୱାରା ପରମେଶ୍ୱରଙ୍କ ସ୍ତୁତି ଗାନ କରୁ । (ଏଫିସୀ ୫:୧୯) ଆମ ମଣ୍ଡଳୀରେ ସ୍ୱର୍ତ୍ତୀ ବା ନାଟକ ଦେଖାଯାଏ ନାହିଁ । ଆମ୍ଭମାନଙ୍କ ଶିକ୍ଷା, ସିଦ୍ଧ ଓ ସରଳ ଅଟେ । (୧ମ ଯୋହନ ୯) ଯେଉଁ ବାକ୍ୟ ମନୁଷ୍ୟର ଆତ୍ମାର ପରିତ୍ରାଣଦାୟକ ତାହା ହିଁ ଆମ୍ଭେମାନେ ପ୍ରଚାର କରୁ । (୧ମ କରିନ୍ଥୀ ୧:୨୧ ଓ ତୀମଥି ୪:୨) ଆମ୍ଭମାନଙ୍କ ଦ୍ୱାରା ପ୍ରଚାରିତ ବାକ୍ୟ ଶ୍ରୁତିମଧୁର ନହୋଇ ବରଂ ସ୍ୱଚ୍ଛ ଓ ସରଳ ଅଟେ । ଶାନ୍ତି ଓ ନିର୍ବିଘ୍ନତାରେ ଈଶ୍ୱର ପରାୟଣତା ଓ ଭଦ୍ରତା ଜୀବନଯାପନ କରିବା ନିମନ୍ତେ ପ୍ରତ୍ୟେକ ଖ୍ରୀଷ୍ଟିୟାନ ବିଷୟରେ ପରମେଶ୍ୱରଙ୍କ ଇଚ୍ଛା । ବିଭିନ୍ନ ମସଲାଯୁକ୍ତ ଗୁରୁପାକ ଖାଦ୍ୟର ଆମ୍ଭର ପ୍ରୟୋଜନ ନାହିଁ । ଖ୍ରୀଷ୍ଟଙ୍କସରଳତା ଓ ପବିତ୍ରତାରୁ ଭ୍ରଷ୍ଟ ହେବାର ସମ୍ଭାବନା ସବୁବେଳେ ରହିଅଛି ।

ଅଜ୍ଞାନୀ ଓ କଠିନ ହୃଦୟୀ ଇଶ୍ରାଏଲୀୟମାନେ ପରମେଶ୍ୱରଙ୍କ ଦତ୍ତ ସ୍ୱର୍ଗୀୟ ଆହାର ମାନ୍ନାକୁ ତୁଚ୍ଛ ଜ୍ଞାନ କରିଥିଲେ । ସେମାନଙ୍କର ଏହି ଅବସ୍ଥା ସେମାନଙ୍କୁ ମୂର୍ତ୍ତିପୂଜାରରେ କଢ଼ାଇ ନେଇଥିଲା । ସେମାନଙ୍କ ପଡ଼ୋଶୀ ରାଜ୍ୟମାନଙ୍କ ସଦୃଶ୍ୟ ସେମାନେ ଆପଣା ନିମନ୍ତେ ରାଜା ନିଯୁକ୍ତ କରିବାକୁ ଇଚ୍ଛା ପ୍ରକାଶ କରି ପରମେଶ୍ୱରଙ୍କ ଆଧିପତ୍ୟକୁ ତୁଚ୍ଛ କରିଥିଲେ । ଆଜି ମଧ୍ୟ ଅନେକ ଈଶ୍ୱରଙ୍କ ଦତ୍ତ ନିୟମରେ ଆପଣା ସ୍ୱନୀତି ଯୋଗ କରିବାରେ ତତ୍ପର ଅଟନ୍ତି । ପରମେଶ୍ୱର ଦତ୍ତ ସରଳ ଉପାସନା ପଦ୍ଧତିରେ ଅନେକ ଧରଣର ହୃଦୟ ଆକର୍ଷଣୀୟ ବିଷୟ ଯୋଗ କରି ତାହାଙ୍କ ପଦ୍ଧତିରୁ ବିମୁଖ ହୋଇଅଛନ୍ତି । (ପ୍ରକାଶିତ ୨:୫) ସଦାପ୍ରଭୁ ଇଶ୍ରାଏଲମାନଙ୍କୁ କହିଥିଲେ, "ତୁମ୍ଭେ ଦୁଷ୍କର୍ମ କରିବାକୁ ବହୁ ଲୋକର ପଶ୍ଚାଦ୍‌ବର୍ତ୍ତୀ ହେବ ନାହିଁ, ପୁଣି ନ୍ୟାୟ ବିଚାର ଅନ୍ୟଥା କରିବା ପାଇଁ ବହୁ ଲୋକର ପକ୍ଷ ହୋଇ ପ୍ରତିବାଦ କରିବ ନାହିଁ ।" (ଯାତ୍ରା ୨୩:୨)

ଇଶ୍ରାଏଲମାନଙ୍କ ନିମନ୍ତେ ତିନୋଟି ରାସ୍ତା ଥିଲା :- (୧) ମୂର୍ତ୍ତିପୂଜକମାନଙ୍କ ସହିତ ମିଶି ମୂର୍ତ୍ତି ପୂଜା କରିବା (୨) ସେମାନଙ୍କ କେତେକ ପଦ୍ଧତି ଆପଣା ପଦ୍ଧତିରେ ଯୋଗ କରିବା (୩) ଈଶ୍ୱର ବାକ୍ୟ ସମ୍ପୂର୍ଣ୍ଣରୂପେ ପାଳନ କରି ତାହାଙ୍କ ସନ୍ତୋଷଜନକ ଜୀବନଯାପନ କରିବା ।

ଆମ୍ଭମାନଙ୍କ ନିମନ୍ତେ ଈଶ୍ୱରଙ୍କ ଦତ୍ତ ସ୍ୱର୍ଗୀୟ ମାନ୍ନା ଯେ, ସ୍ୱୟଂ ଯୀଶୁଖ୍ରୀଷ୍ଟ ଅଟନ୍ତି, ତାହାଙ୍କ ଆଜ୍ଞାନୁଯାୟୀ ଆମ୍ଭେମାନେ ପ୍ରଭୁଭୋଜ ପାଳନ କରିବା ଦ୍ୱାରା ଆମ୍ଭମାନଙ୍କ ଜୀବନ ସମ୍ପୂର୍ଣ୍ଣ ଓ ସନ୍ତୋଷଜନକ ଜୀବନଯାପନ କରିପାରିବା । (ଯୋହନ ୮:୫୮) ତାହାଙ୍କ ଠାରେ ଜୀବନ ଅଛି, ଆସ ଆମ୍ଭେ ତାହାଙ୍କ ବାକ୍ୟ ପାଳନ କରି ତାହାଙ୍କ ଠାରେ ଜୀବନଯାପନ କରୁ ।

**- Ronny Johnson**

# "ଖ୍ରୀଷ୍ଟଙ୍କ ଅନୁଚରମାନଙ୍କ ନାମ"

## (Names for the followers of Chirst)

ବାଇବଲରେ ଲିଖିତ ବାକ୍ୟଗୁଡ଼ିକ ପିତା ପରମେଶ୍ୱରଙ୍କ ଠାରୁ ଆଗତ (୧ମ କରିନ୍ଥୀ ୨:୧୩) ତେଣୁ କରି ଏଥିରେ ଲିଖିତ ବାକ୍ୟଗୁଡ଼ିକ ଆମ୍ଭମାନଙ୍କ ଜୀବନରେ ପ୍ରାଧାନ୍ୟତା ଲାଭ କରେ । ଆମ୍ଭେମାନେ ଯାହା ପ୍ରଚାର କରୁ ବା ଶିକ୍ଷା ଦେଉ ତାହା ଈଶ୍ୱରଙ୍କ ବାକ୍ୟଗତ ହେବା ନିତାନ୍ତ ଆବଶ୍ୟକ ।

ପ୍ରେରିତ ପାଉଲ ତୀମଥିଙ୍କୁ ଲେଖନ୍ତି, "ମୋ ଠାରୁ ଯେଉଁ ସବୁ ହିତଜନକ ବାକ୍ୟ ଶୁଣିଅଛ, ଖ୍ରୀଷ୍ଟଯୀଶୁଙ୍କ ସମ୍ବନ୍ଧୀୟ ବିଶ୍ୱାସ ଓ ପ୍ରେମରେ ତାହା ଆଦର୍ଶରୂପେ ଧରି ରଖ ।"

(୨ୟ ତୀମଥି ୧:୧୩) ''ହିତଜନକ ବାକ୍ୟ'' ଅର୍ଥାତ୍ ଆତ୍ମମାନଙ୍କ ଆତ୍ମା ନିମନ୍ତେ ମଙ୍ଗଳଦାୟକ ବାକ୍ୟ । ''ହେ ଭାଇମାନେ, ଆମ୍ଭମାନଙ୍କ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ନାମରେ ମୁଁ ତୁମ୍ଭମାନଙ୍କୁ ଅନୁରୋଧ କରୁଅଛି, ଯେପରି ତୁମ୍ଭେମାନେ ସମସ୍ତେ ଏକ କଥା କୁହ, ଆଉ ତୁମ୍ଭମାନଙ୍କ ମଧ୍ୟରେ ଦଳଭେଦ ନହୁଏ, କିନ୍ତୁ ତୁମ୍ଭେମାନେ ଏକ ମନରେ ଓ ଏକ ବିଚାରରେ ସମ୍ମିଳିତ ହୁଅ ।'' (୧ମ କରିନ୍ଥୀ ୧:୧୦) । କ୍ରୁଶାର୍ପିତ ହେବା ପୂର୍ବ ରାତ୍ରୀରେ ପ୍ରଭୁ ଯୀଶୁ ପ୍ରାର୍ଥନା କରି କହିଲେ, ''ଯେପରି ସେମାନେ ସମସ୍ତେ ଏକ ହୁଅନ୍ତି, ହେ ପିତା, ତୁମ୍ଭେ ଯେ ପ୍ରକାରେ ମୋ ଠାରେ ଅଛ ଓ ମୁଁ ତୁମ୍ଭ ଠାରେ ଅଛି, ସେମାନେ ମଧ୍ୟ ସେ ପ୍ରକାରେ ଆମ୍ଭମାନଙ୍କ ଠାରେ ରହନ୍ତୁ, ଯେପରି ତୁମ୍ଭେ ମୋତେ ପ୍ରେରଣ କଲ ବୋଲି ଜଗତ ବିଶ୍ୱାସ କରେ ।'' (ଯୋହନ ୧୭:୨)

ମନୁଷ୍ୟମାନେ ଆପଣା ସ୍ୱଇଚ୍ଛାନୁଯାୟୀ ଅନେକ ନାମ ଉଦ୍ଭାବନ କରି ଅଛନ୍ତି. ଯେଉଁଗୁଡ଼ିକ ଦ୍ୱାରା ବିଭେଦ ଜନ୍ମେ । ଆତ୍ମିକ ବିଷୟରେ ଏକତା ଆଣିବା ନିମନ୍ତେ ଆମ୍ଭମାନଙ୍କୁ ବାଇବଲ ନିକଟକୁ ଫେରିଯିବାକୁ ହେବ ।

ଖ୍ରୀଷ୍ଟଙ୍କର ଅନୁଚରମାନେ କେଉଁ ନାମରେ ନାମିତ ହେବା ଆବଶ୍ୟକ ? ଖ୍ରୀଷ୍ଟଙ୍କର ଅନୁଚରମାନେ ନୂତନ ନିୟମରେ ସିଦ୍ଧ, ପବିତ୍ର, ସାଧୁ, ଭାଇମାନେ, ଶିଷ୍ୟ, ସଭ୍ୟ ପ୍ରଭୃତି ଦ୍ୱାରା ପରିଚିତ । କିନ୍ତୁ, ''ଖ୍ରୀଷ୍ଟିୟାନ'' ନାମ ଖ୍ରୀଷ୍ଟଙ୍କ ଅନୁଚରମାନଙ୍କୁ ଈଶ୍ୱର ଦତ୍ତ ନାମ । ''............ଆନ୍ତିୟଖିଆରେ ଶିଷ୍ୟମାନେ ପ୍ରଥମରେ ଖ୍ରୀଷ୍ଟିୟାନ ବୋଲି ଅଖ୍ୟାତ ହେଲେ ।'' (ପ୍ରେରିତ ୧୧:୨୬) ''କିନ୍ତୁ କେହି ଯଦି ଖ୍ରୀଷ୍ଟିୟାନ ହେବାରୁ ଦଣ୍ଡ ଭୋଗ କରେ. ତାହାହେଲେ ସେ ଲଜ୍ଜାବୋଧ ନକରୁ, ବରଂ ଏହି ନାମ ହେତୁରୁ ଈଶ୍ୱରଙ୍କ ମହିମା କୀର୍ତ୍ତନ କରୁ ।'' (୧ମ ପିତର ୪:୧୬)

ଯଦିଓ ଯୀଶୁଖ୍ରୀଷ୍ଟ ଆପଣା ହସ୍ତ ଦ୍ୱାରା ନୂତନ ନିୟମ ଲେଖିନଥିଲେ, ତାହାଙ୍କ ପ୍ରେରିତ ପବିତ୍ର ଆତ୍ମାଙ୍କ ଚାଳନାରେ ଶିଷ୍ୟମାନେ ଲେଖିଥିଲେ । (ଯୋହନ ୧୬:୧୨-୧୩, ୨ ପିତର ୧:୩, ଯିହୂଦା ୩ ପଦ) ଖ୍ରୀଷ୍ଟଙ୍କ ପ୍ରକୃତ ଅନୁଚରମାନେ, ମନୁଷ୍ୟ ଉଦ୍ଭାବିତ ନାମଗୁଡ଼ିକ ପରିତ୍ୟାଗ କରି, ଈଶ୍ୱରଙ୍କ ଦତ୍ତ 'ଖ୍ରୀଷ୍ଟିୟାନ' ନାମ ଧାରଣ କରିବା ସମୁଚିତ ।

**- Royce Fredrick**

**Edited & Published by : Kabita & Joshua Gootam**

# CHRISTMAS

## INTRODUCTION :

1. Our Study may do several things.
   a) Shock you. b) Rock Your faith. c) Ignore it.
2. This is true because the majority have never studied the subject.
   a) They go along with the crowd. b) Have always done it.
   c) Do it for their children's sake.
3. Need to realize that Christmas is a Roman Catholic invention.a) Many doubt it. b) But it is true.

## DISCUSSION: *I. Definition of Christmas.*

1. Means Christ's Mass of Mass for Christ.
2. Instituted by the Catholic Church.

### *II. How December 25 was Chosen.*

1. The pagans had a festival in memory of sol the sun God.
2. "Christians" wanted to join the celebration.
3. Selected December 25 as the birthday of Christ.
4. Time Magazine (December 20, 1963) says no Bible Scholar will say December 25 is the birthday of Christ.

### *III. Other Traditions and Customs Connected with Christmas.*

1) Santa Claus. 2) Christmas Tree. 3) Christmas Decorations. 4) Mistletoe. 5) Holly. 6) The Yule Log. 7) Christmas Goose. 8) Gifts.

### *IV. What Christmas Leads to.*

1) Parents to teach their children things that are not so.
2) Engage in parties, etc., that are sinful. 3) Uphold the customs the Bible does not teach. 4) Support the Catholic church. 5) Give gifts ot everyone but Christ.

### *V. Why Christinas do not Celebrate Christmas.*

1) The Bible no where mentions the date of the Lord's bith.a) To speak as the oracles of God. (1 Peter 4:11). b) Not to add to the word. (Revelation 22:18, 19). 2) Paul condemns those who would observe times and seasons. (Galatians 4:10, 11).
3. December 25 would hardly be the date of the Lord's birth.

a) Shepherds were in the field.

b) But December is in the rainy cold season.

4. The Bible emphasizes the death of Christ. (Matthew 26:26-28).

## *VI. Things to Remember.*

1) You cannot celebrate a relegious holiday non religiously. 2) If Jesus had wanted us to remember his birthday he would have revealed it. 3) It is wrong to uphold customs and traditions that are basically wrong.

## CONCLUSION:

1) There is nothing wrong in enjoying a holiday.
2) We may give anytime but why on December 25 only ?. 3) It is not easy to do right but it pays.

*J. C. Choate*

From:
SATYA VANI
P.O. BOX 80,
KAKINADA - 533 001

Printed Book Only

To

(For Private Circulation Only)